Odisha Legislative Assembly

**ପଞ୍ଚଦଶ ଅଧିବେଶନ**

# ୦୭ ଫେବୃୟାରୀ ୨୦୨୪

----

: [କୃଷି ଓ କୃଷକ ସଶକ୍ତିକରଣ - ସମବାୟ - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - ବିଦ୍ୟାଳୟ ଓ ଗଣଶିକ୍ଷା - ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ - ଉଚ୍ଚ ଶିକ୍ଷା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ].

**ମୋଟ ପ୍ରଶ୍ନର ସଂଖ୍ୟା - 130**

----

## ଆମ୍ବ ଚାଷୀଙ୍କୁ ପ୍ରୋତ୍ସାହନ

138 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଢେଙ୍କାନାଳ ଜିଲ୍ଲାରେ ଆମ୍ବ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## ଜୈବିକ କୃଷିର ବିକାଶ

139 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କଳାହାଣ୍ଡି ଜିଲ୍ଲାରେ ଜୈବିକ କୃଷିର ବିକାଶ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## କୃଷି ମାଧ୍ୟମରେ ଆତ୍ମନିଯୁକ୍ତି

140 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କୃଷି ମାଧ୍ୟମରେ ଆମ ରାଜ୍ୟରେ କେତେ ଶତାଂଶ ଲୋକ ଆତ୍ମନିଯୁକ୍ତିର ସୁଯୋଗ ପାଉଛନ୍ତି ପ୍ରକାଶ କରି କୃଷି ମାଧ୍ୟମରେ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଆତ୍ମନିଯୁକ୍ତି ପ୍ରଦାନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ରେଭେନ୍ସା ବିଶ୍ୱବିଦ୍ୟାଳୟର ଗବେଷଣା ଭିତ୍ତିଭୂମୀ ଉନ୍ନୟନ

141 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରେଭେନ୍ସା ବିଶ୍ୱବିଦ୍ୟାଳୟ ସ୍ନାତକ, ସ୍ନାତକୋତ୍ତର ଓ ଗବେଷଣା ଶିକ୍ଷା ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## ଫଳ ଓ ଫୁଲ ଚାଷୀମାନଙ୍କୁ ପ୍ରୋତ୍ସାହନ

142 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବାଲେଶ୍ୱର ଜିଲ୍ଲାରେ ଫଳ, ପନିପରିବା ଓ ଫୁଲ ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ପେଟ୍ରୋଲ୍ ପମ୍ପରେ ଅପମିଶ୍ରଣ ରୋକିବା

143 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ ବିଗତ ତିନି ବର୍ଷରେ କେତୋଟି ପେଟ୍ରୋଲ୍ ପମ୍ପରେ ମାପକ ଓ ମାନକରେ ତ୍ରୁଟି ଦୃଷ୍ଟିକୁ ଆସିଥିବା ବେଳେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି ଓ ପେଟ୍ରୋଲ୍ ପମ୍ପରେ ଅପମିଶ୍ରଣ ରୋକିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ରାଜ୍ୟରେ ଥିବା ସ୍କୁଲ୍ ସଂଖ୍ୟା

144 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ ସମୁଦାୟ କେତେ ସ୍କୁଲ୍ ରହିଛି, ସେଥିମଧ୍ୟରୁ କେତେ ସଂଖ୍ୟକ ସ୍କୁଲକୁ ପକ୍କା ରାସ୍ତା ସଂଯୋଗକରଣ ହୋଇନାହିଁ, କେତେ ସ୍କୁଲରେ ବିଦ୍ୟୁତ୍ ସଂଯୋଗ ନାହିଁ, କେତେ ସ୍କୁଲରେ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ ବ୍ୟବସ୍ଥା ଓ କେତେ ସ୍କୁଲରେ ପାଚେରୀ ନାହିଁ, କେତେ ସ୍କୁଲ୍ ପକ୍କା ଛାତ ଘର ନାହିଁ ତାର ଏକ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, ଆବଶ୍ୟକୀୟ ଭିତ୍ତିଭୂମି ପ୍ରତିଷ୍ଠା କରାଯାଉନଥିବା ସ୍କୁଲ୍ ଗୁଡିକର ଭିତ୍ତିଭୂମି ପୁରଣ ନିମନ୍ତେ କେତେ ଅର୍ଥ ବ୍ୟୟ ହେବ ତାର ଆକଳନ କରାଯାଇଛି କି, ଯଦି ଆକଳନ କରାଯାଇଛି ତେବେ କେଉଁ ଜିଲ୍ଲାରେ କେଉଁ ପ୍ରକାର ଭିତ୍ତିଭୂମି ପାଇଁ କେତେ କେତେ ଅର୍ଥ ଆବଶ୍ୟକ ହେବ ତାହା ଜଣାଇବେ କି, ସଂପୃକ୍ତ ଭିତ୍ତିଭୂମି ପୁରଣ ନିମନ୍ତେ ୨୦୨୩-୨୪ ବର୍ଷରେ କେତେ ଅର୍ଥ ବ୍ୟୟ କରାଯାଇ କେତେ ସ୍କୁଲର ଭିତ୍ତିଭୂମି ସୃଷ୍ଟି କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, ଅଦ୍ୟାବଧି କେତେ ବ୍ୟୟରେ କେତେ ସ୍କୁଲର ଆବଶ୍ୟକୀୟ ଭିତ୍ତିଭୂମି ପୁରଣ କରାଯାଇଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଚାଷୀଙ୍କ ଆୟ ହ୍ରାସ ହେବାର କାରଣ

145 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

୨୦୦୨-୦୩ ର କୃଷକ ପରିବାରର ମାସିକ ଆୟ ସହିତ ୨୦୧୨-୧୩ ବର୍ଷ ଆୟ ସହିତ ତୁଳନା କରି କୃଷକମାନଙ୍କର ଆୟକୁ ଓଡିଶା ଦୁଇ ଗୁଣ କରିଦେଇଛି ବୋଲି ସରକାର କହିଥିବା ପରିପ୍ରେକ୍ଷୀରେ କରୋନା ମହାମାରୀ ପୂର୍ବ ବର୍ଷ ସୁଦ୍ଧା ଚାଷୀଙ୍କର ମୁଣ୍ଡପିଛା ଆୟ କେତେ ହ୍ରାସ ପାଇଛି ୨୦୧୨-୧୩ ଓ ୨୦୧୮-୧୯ ବର୍ଷର ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କରିବେ କି, ରାଜ୍ୟ ସରକାର ୨୦୧୩-୧୪ ବର୍ଷରୁ ସ୍ୱତନ୍ତ୍ର କୃଷି ବଜେଟ୍ ଦୀର୍ଘ ଏକ ଦଶନ୍ଧି ଧରି କରି ଆସୁଥିଲେ ମଧ୍ୟ ଚୀଷୀଙ୍କର ଆୟ ହ୍ରାସ ହେବାର କାରଣ କ'ଣ ତାହା ଜଣାଇବେ କି, ସଂପୃକ୍ତ କେଉଁ କେଉଁ ସମସ୍ୟାର ପ୍ରତିକାର ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଅବଗତ କରିବେ କି ?

----

## ଛାତ୍ର/ଛାତ୍ରୀଙ୍କ ମୁଣ୍ଡପିଛା ବ୍ୟୟ ବୃଦ୍ଧି

146 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ୨୦୦୯-୧୦ ଶିକ୍ଷାବର୍ଷରେ କେଉଁ କେଉଁ ସ୍ତରର କେତେ ସଂଖ୍ୟକ ବିଦ୍ୟାଳୟ ଥିଲା, ସଂପୃକ୍ତ ବିଦ୍ୟାଳୟ ମାନଙ୍କରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଓ ମଞ୍ଜୁରୀପ୍ରାପ୍ତ ଶିକ୍ଷକଙ୍କ ସଂଖ୍ୟା କେତେ ଥିଲା, ୨୦୨୩-୨୪ ଶିକ୍ଷାବର୍ଷରେ ଏହି ସଂଖ୍ୟା କେତେ ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, ରାଜ୍ୟ ସରକାର ୨୦୦୯-୧୦ ରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ମୁଣ୍ଡପିଛା କେତେ ଅର୍ଥ ବ୍ୟୟ କରୁଥିଲେ, ୨୦୨୨-୨୩ ଶିକ୍ଷାବର୍ଷରେ ମୁଣ୍ଡପିଛା କେତେ ବୃଦ୍ଧି କରିଛନ୍ତି ଓ ୨୦୨୩-୨୪ ବର୍ଷ ମୁଣ୍ଡପିଛା କେତେ ବ୍ୟୟ କରିବା ପାଇଁ ସ୍ଥିର କରିଛନ୍ତି କହିବେ କି, ଛାତ୍ରଛାତ୍ରୀଙ୍କ ମୁଣ୍ଡପିଛା ବ୍ୟୟକୁ କେତେ ଅଧିକ ବୃଦ୍ଧି କରିବା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି କହିବେ କି, ଜାତୀୟ ସ୍ତରରେ ମୁଣ୍ଡପିଛା ବ୍ୟୟ ଭାର ସହ ରାଜ୍ୟର ମୁଣ୍ଡପିଛା ବ୍ୟୟର ଏକ ବିବରଣୀ ୧୦ ବର୍ଷର ବର୍ଷୱାରୀ ପ୍ରଦାନ କରିବେ କି ?

----

## ରାଜ୍ୟରେ ଚାଷୀ ଓ ଚାଷୀଙ୍କ ପରିବାର ସଂଖ୍ୟା

147 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ସମୁଦାୟ ଚାଷୀ ଓ ଚାଷୀଙ୍କ ପରିବାର ସଂଖ୍ୟା କେତେ, ସେମାନଙ୍କ ମଧ୍ୟର କେତେ ସଂଖ୍ୟକ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ କୃଷକଙ୍କ ପରିବାର ସଂଖ୍ୟା କେଉଁ ଜିଲ୍ଲାରେ କେତେ ଅଛନ୍ତି, ସଂପୃକ୍ତ ପରିବାରର ମେଧାବୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ " କାଳିଆ ଛାତ୍ର ବୃତ୍ତି" ଯୋଜନାରେ ବୃତ୍ତି ପ୍ରଦାନ ନିମନ୍ତେ ବାର୍ଷିକ କେତେ ଅର୍ଥ ବ୍ୟୟ ହେବାର ଆକଳନ କରାଯାଇଛି କହିବେ କି, ବିଗତ ୫ ବର୍ଷ ପୂର୍ବରୁ ରାଜ୍ୟ ସରକାର ଘୋଷଣା କରିଥିବା " କାଳିଆ ଛାତ୍ର ବୃତ୍ତି" ଯୋଜନାକୁ କେଉଁ କାରଣରୁ କାର୍ଯ୍ୟକାରୀ ନକରି ବିଳମ୍ବ କଲେ, ୨୦୧୭-୧୮ ରୁ ୨୦୨୩-୨୪ ବର୍ଷ ମଧ୍ୟରେ କେଉଁ ବର୍ଷ ରାଜ୍ୟରେ କେତେ ସଂଖ୍ୟକ କୃଷକ ପରିବାରର କେତେ ଛାତ୍ରଛାତ୍ରୀଙ୍କୁ କାଳିଆ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି ଓ କେତେ ଅର୍ଥ ବ୍ୟୟ କରାଯାଇଛି ଜଣାଇବେ କି ?

----

## ଛତୁଚାଷ ଯୋଜନାର ସଫଳ ପ୍ରୟୋଗ

148 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଛତୁଚାଷ ଏକ ଲାଭଦାୟକ ବ୍ୟବସାୟ ହୋଇଥିବାବେଳେ ରଣପୁର ନିର୍ବାଚନମଣ୍ଡଳିରେ ଏହି ଯୋଜନାର ସଫଳ ପ୍ରୟୋଗ ପାଇଁ ଉଦ୍ୟାନ ବିଭାଗ ଜରିଆରେ କେଉଁ କେଉଁ SHG ମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି ତାହାର ଏକ ତାଲିକା ଦେବେକି, ତତସହିତ ଏହି ଯୋଜନାରେ କେତେଜଣ ଚାଷି ନିଜକୁ ସଂଶ୍ଳିଷ୍ଟ କରି ଉପକୃତ ହେଉଛନ୍ତି ବା ହୋଇଛନ୍ତି ତାହାର ତାଲିକା ଦେବେକି?

----

## ନୂତନ ହିତାଧିକାରୀ ଚିହ୍ନଟ

149 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରଣପୁର ନିର୍ବାଚନମଣ୍ଡଳୀର ଉଭୟ ରଣପୁର ଓ ଓଡଗାଁ ବ୍ଲକରେ ବର୍ତ୍ତମାନ କେତେ ହିତାଧିକାରୀ ନୂତନ ପଡିକାର୍ଡ ପାଇଁ ଆବେଦନ କରି ପ୍ରତୀକ୍ଷାରେ ଅଛନ୍ତି, ସେମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଶିଘ୍ର ପଡିକାର୍ଡ ଯୋଗାଇଦେବା ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି, ଆବେଦନକାରୀ ଓ ଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ପଂଚାୟତୱାରୀ ଜଣାଇବେକି?

----

## ପନିପରିବା ଚାଷ ପାଇଁ ପ୍ରୋତ୍ସାହନ

150 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କଟକ ଜିଲ୍ଲାରେ ପନିପରିବା ଚାଷ ପ୍ରତି ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି?

----

**ଶିକ୍ଷା ଭିତ୍ତିଭୂମି ଉନ୍ନୟନ ପାଇଁ ପଦକ୍ଷେପ**

151 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓ ଗବେଷଣା ଶିକ୍ଷା ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

**ଘରଡିହହୀନ ପରିବାରକୁ ପଟ୍ଟା ବଣ୍ଟନ**

152 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ ବିଗତ ତିନି ବର୍ଷରେ କେଉଁ ଜିଲ୍ଲାରେ କେତେ ଘରଡିହହୀନ ପରିବାରକୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି ଓ ଏହି ପ୍ରକ୍ରିୟା କେବେସୁଦ୍ଧା ପୂର୍ଣ୍ଣାଙ୍ଗ ହେବ?

----

**ଉଚ୍ଚଶିକ୍ଷା ଭିତ୍ତିଭୂମୀ ଉନ୍ନୟନ**

153 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଭଦ୍ରକ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସହ ଜିଲ୍ଲାରେ ଥିବା ମହାବିଦ୍ୟାଳୟ ମାନଙ୍କରେ ଉଚ୍ଚଶିକ୍ଷା ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

**ପାରମ୍ପରିକ ଧାନବିହନକୁ ସଂରକ୍ଷଣ**

154 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ ଅଦ୍ୟାବଧି କେଉଁ କେଉଁ କିସମର ପାରମ୍ପରିକ ଧାନବିହନ ସଂରକ୍ଷଣ ହୋଇଅଛି, କେତୋଟି ଧାନ ବିହନ ବିଲୁପ୍ତ ହୋଇଛି, ପାରମ୍ପରିକ ଧାନ ବିହନକୁ ସଂରକ୍ଷଣ କରି ପ୍ରମାଣିତ ପୂର୍ବକ ବିହନଭାବେ ବ୍ୟବହାର ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବିଜ୍ଞାନ ଶିକ୍ଷାକୁ ଲୋକପ୍ରିୟ କରିବା

155 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବିଜ୍ଞାନ ଶିକ୍ଷାକୁ ଲୋକପ୍ରିୟ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## Govt . Non Govt. ଓ University ରେ ନିଯୁକ୍ତି

156 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ବିଗତ 3 ବର୍ଷରେ କେଉଁ କେଉଁସ୍ତରରେ Government, Non - Government ଓ University ରେ କେତେ ଲେଖାଏଁ post ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଦିଆଯାଇଛି, ତାର ଏକ ସବିଶେଷ ବିବରଣୀ ଦେବେ କି ଓ ବର୍ତ୍ତମାନ ନୂତନ ନିଯୁକ୍ତି ପାଇଁ Process ରେ ଅଛି କି, ଜଣେଇବେ; (ଖ) Non - Government fully Aided Lecture ମାନଙ୍କର GPF 10 ଲକ୍ଷ ଟଙ୍କାକୁ 2017 ଠାରୁ ଲାଗୁ କରିବେ କି; ଏହାଛଡ଼ା ଆଉ କେଉଁ କେଉଁ ଦାବୀ ବିଚାରାଧୀନ ରହିଅଛି, ଜଣାଇବେ କି ?

----

## ପ୍ରଧାନମନ୍ତ୍ରୀ ଫସଲବୀମା ପାଇବାରେ ବିଳମ୍ବ

157 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇବାରେ ବିଳମ୍ବ ହେଉଥିବା କାରଣ କଣ; Crop Loss ପରିମାଣର ଆକଳନ କରିବା ଦିଗରେ ତ୍ରୁଟି ରହିଥିବା ଅଭିଯୋଗ ସରକାର ପାଇଛନ୍ତି କି; ଉକ୍ତ କାରଣରୁ Farmers Registration ସଂଖ୍ୟା କମୁଥିବା ସତ୍ୟ କି; (ଖ) ରାଜ୍ୟ ସରକାର ଚାଷୀଙ୍କ Share ର ଅଂଶ ଆକାରରେ ଆର୍ଥିକ ବର୍ଷରେ କେତେ ଚାଷୀଙ୍କ Share ଓ ସର୍ବମୋଟ କେତେ ଅର୍ଥ ବିନିଯୋଗ କରିଛନ୍ତି, ଜଣାଇବେ କି ; 2023 - 24 ରେ 4 ଲକ୍ଷ୍ୟ ହେକ୍ଟର ଜମିରେ ଡ଼ାଲି ଜାତୀୟ ଫସଲ କରିବା ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ ଭିତରୁ କେତେ ହେକ୍ଟର ଜମିରେ ଡ଼ାଲି ଜାତୀୟ ଫସଲ ହୋଇଅଛି ,ତାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି ?

----

## ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବଣ୍ଟନରେ ଅନିୟମିତତା ରୋକିବା

158 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟର କେତେ ପରିବାର ତଥା ହିତାଧିକାରୀଙ୍କୁ କେଉଁ କେଉଁ ସଂସ୍ଥା ଜରୀଆରେ ନିତ୍ୟ ବ୍ୟବହାର୍ଯ୍ୟ କେଉଁ କେଉଁ ପଦାର୍ଥ କେତେ ପରିମାଣର ବଣ୍ଟନ କରାଯାଉଛି; ଗତ ଆର୍ଥିକ ବର୍ଷରେ କେତେ ହିତାଧିକାରୀ ମୃତ୍ୟୁ ବରଣ କରିଛନ୍ତି ଓ ସେମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଆବଣ୍ଟନ ନହୋଇ କିପରି ସଂରକ୍ଷଣ କରାଯାଇଛି; ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବଣ୍ଟନରେ ଅନିୟମୀତା ରୋକିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ?

----

## ଚାଷୀ ସଂଖ୍ୟା

159 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ ମୋଟ ଚାଷୀ ସଂଖ୍ୟା କେତେ; ତନ୍ମଧ୍ୟରୁ କାଳିଆ ଓ ବଳରାମ ଯୋଜନାରେ କେତେ ଚାଷୀ ଉପକୃତ ହୋଇଛନ୍ତି ଓ କେତେ ପ୍ରକୃତ ହିତାଧିକାରୀ ଏଥିରୁ ବଞ୍ଚିତ ହୋଇଛନ୍ତି ତାର କୌଣସି survey ହୋଇଛି କି; ଉକ୍ତ ବଞ୍ଚିତ ହିତାଧିକାରୀ ଚାଷୀଙ୍କୁ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ?

----

## ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ

160 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବନ୍ୟା, ବାତ୍ୟା ପ୍ରପୀଡ଼ିତ ବାଲେଶ୍ୱର ଜିଲ୍ଲାରେ କେଉଁ ବ୍ଲକରେ କେତେଗୋଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି, କେତୋଟି ନିର୍ମାଣଧିନ ରହିଛି ଏବଂ କେତୋଟି ପ୍ରସ୍ତାବଧୀନ ରହିଛି ପ୍ରକାଶ କରିବା ସହିତ ଭୋଗରାଇ ନିର୍ବାଚନ ମଣ୍ଡଳୀର ଧନଜୀବନ ରକ୍ଷା ପାଇଁ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି କି ?

----

## ଘର ଡ଼ିହହୀନ ପରିବାର ଚିହ୍ନଟ

161 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବାଲେଶ୍ୱର ଜିଲ୍ଲାରେ କେଉଁ ତହସିଲ ଅଧିନରେ କେତେ ଜଣ ଘରଡ଼ିହ ହୀନ ପରିବାର ଚିହ୍ନଟ ହୋଇଛି; ଏବଂ କେତେ ଜଣଙ୍କୁ ପଟ୍ଟା ଯୋଗାଇ ଦିଆଯାଇଛି ତନ୍ମଧ୍ୟରୁ ପଟ୍ଟା ପାଇ ପାରିନଥିବା ଲୋକ ମାନଙ୍କୁ ସରକାର କେତେ ଦିନ ମଧ୍ୟରେ ପଟ୍ଟା ଯୋଗାଇ ଦେବେ ତାହା ଜଣାଇବେ କି ?

----

## Promotion list ପଠାଇବା

162 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟରତ Level-III ମାନେ ପଦୋନ୍ନତୀ ପାଇଥିଲେ ମଧ୍ୟ Level-IV ଗ୍ରାଜୁଏଟ ଏବଂ Level-V (B) ଶିକ୍ଷକ/ଶିକ୍ଷୟୀତ୍ରିମାନଙ୍କ ପ୍ରୋଭିଜିନାଲ ପ୍ରମୋସନ ଦେବା ପାଇଁ ସରକାରଙ୍କ ଉଚ୍ଚ କର୍ତ୍ତୃପକ୍ଷ ଆଦେଶ ଦେଇଥିଲେ ମଧ୍ୟ କେଉଁ କେଉଁ ଜିଲ୍ଲାର DEO ମାନେ ଆଜି ପର୍ଯ୍ୟନ୍ତ ପ୍ରମୋସନ ଲିଷ୍ଟ ସରକାରଙ୍କୁ ପଠଉ ନଥିବାର କାରଣ କଣ; (ଖ) କେଉଁ ସମୟ ସୀମା ଭିତରେ ସମସ୍ତ DEO ମାନେ ସରକାରଙ୍କୁ ପ୍ରୋଭିଜିନାଲ ପ୍ରମୋସନ ତାଲିକା ପଠେଇବେ ଏବଂ ଏହା ପ୍ରକାଶ ପାଇବ ?

----

## ଛାତ୍ର ସଂସଦ ନିର୍ବାଚନକୁ ନିଷିଦ୍ଧ କରିବା

163 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କେଉଁ ଅପରିହାର୍ଯ୍ୟ କାରଣ ଅବା ସମସ୍ୟା ପାଇଁ ସରକାର କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଛାତ୍ର ସଂସଦ ନିର୍ବାଚନକୁ ବର୍ଷ ବର୍ଷ ଧରି ନିଷିଦ୍ଧ କରି ଆସୁଛନ୍ତି ଏହା ଦ୍ୱାରା ଛାତ୍ର ଛାତ୍ରୀ ମାନେ ସେମାନଙ୍କ ଗଣତାନ୍ତ୍ରୀକ ଅଧିକାରରୁ ବଞ୍ଚିତ ହେଉନାହାନ୍ତି କି ?

----

## ଦୁର୍ବଳ ଭିତ୍ତିଭୂମିକୁ ସଜାଡିବା

164 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟର ପ୍ରାଥମିକ ବିଦ୍ୟାଳୟର ଦୁର୍ବଳ ଭିତ୍ତିଭୂମିକୁ ସଜାଡିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଯୋଗେଇ ଦିଆଯାଉଥିବା ପାଣ୍ଠି ସହ ଯୋଜନାର ରୂପରେଖ ଉପସ୍ଥାପନ କରି କେବେ ସୁଦ୍ଧା ଏହି ନିର୍ମାଣ କାର୍ଯ୍ୟ ସମାପ୍ତ ହେବ ତଥ୍ୟ ଉପସ୍ଥାପନ କରିବେ କି, (ଖ) 2019-20 ରୁ 2023-24 ମଧ୍ୟରେ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ କେଉଁ category ର କେତୋଟି ବିଦ୍ୟାଳୟ ଅଛି, ଏହି ବିଦ୍ୟାଳୟମାନଙ୍କର ବର୍ତ୍ତମାନ ଭିତ୍ତିଭୂମିର ସ୍ଥିତି (building/ lavatory / playground/ classroom/ school building) electrical/ water facility ଓ ବିଦ୍ୟାଳୟର ଆବଶ୍ୟକତା ଉପରେ ସମ୍ପୃକ୍ତ Block Education Officer ଓ District Education Officer-Cum-DPC, Bolangir ଦେଇଥିବା report ର ତଥ୍ୟ ଉପସ୍ଥାପନ କରିବା ସହ ଦୁର୍ବଳ ଭିତ୍ତିଭୂମିକୁ ସଜାଡି ଓ ଆବଶ୍ୟକୀୟ ନୂତନ ଭିତ୍ତିଭୂମି construction ପାଇଁ ବିଗତ ପାଞ୍ଚ ବର୍ଷରେ କେତେ ପାଣ୍ଠି ବିନିଯୋଗ କରିଛନ୍ତି ଓ କେଉଁ କେଉଁ ବିଦ୍ୟାଳୟର କେଉଁ ପ୍ରକାର ଭିତ୍ତିଭୂମି ସଜାଡିବାକୁ ବାକି ଅଛି, ବ୍ଲକ ୱାରୀ / ବିଦ୍ୟାଳୟ ୱାରୀ ତଥ୍ୟ ଦେବେ କି ?

----

## ଘରଡିହହୀନ ପରିବାରଙ୍କୁ ପଟ୍ଟା ପ୍ରଦାନ

165 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଲସରା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ସୁନ୍ଦରଗଡ଼ ଜିଲ୍ଲାରେ କେଉଁ ତହସିଲ ଅଧିନରେ କେତେ ଘରଡିହହୀନ ପରିବାର ଘରଡିହ ପଟ୍ଟା ପାଇଁ ଆବେଦନ କରିଥିବାବେଳେ ତନ୍ମଧ୍ୟରୁ କେତେଜଣଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି ଓ ଅବଶିଷ୍ଟଙ୍କୁ କେବେସୁଦ୍ଧା ଘରଡିହ ପଟ୍ଟା ପ୍ରଦାନ କରାଯିବ ପ୍ରକାଶ କରିବେ କି ?

----

## ଜଳଭଣ୍ଡାର ଶକ୍ତି ପ୍ରକଳ୍ପ ଯୋଗୁଁ କୋଟିଆ ପଞ୍ଚାୟତରେ ଗ୍ରାମ ପ୍ରଭାବିତ

166 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଆନ୍ଧ୍ର ସରକାର ଆନ୍ଧ୍ରର କୁହୁକୁଟି ଓ ଓଡିଶାର କୋଟିଆ ପଞ୍ଚାୟତର ଗଞ୍ଜେଇ ପଦର ଠାରେ ଯେଉଁ ଜଳ ଭଣ୍ଡାରର ଶକ୍ତି ପ୍ରକଳ୍ପ କରୁଛନ୍ତି ସେଥିରେ କୋଟିଆ ପଞ୍ଚାୟତର 12 ଟି ଗ୍ରାମ ପ୍ରଭାବିତ ହେବାକୁଥିବା ବେଳେ ଓଡିଶା ସରକାର ନୀରବ ରହୁଥିବାର କାରଣ କଣ ଏ ସକ୍ରାନ୍ତରେ ନୂଆଦିଲ୍ଲୀ ଠାରେ କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାର ଯେଉଁ ବୈଠକ ବସିଥିଲା ସେଥିରେ ଓଡିଶାର ସରକାରଙ୍କ କେଉଁ ଅଫିସର ଉପସ୍ଥିତି ଥିଲେ ସେଠାରେ କଣ ଆଲୋଚନା ହୋଇଥିଲା ଓଡିଶା ପକ୍ଷରୁ ଏହି ବୈଠକରେ କଣ ଆଭିମୁଖ୍ୟ ରହିଛି ?

----

## ରାଜ୍ୟରେ ଖୋଲିଥିବା ମଣ୍ଡି

167 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ କେଉଁ ଜିଲ୍ଲାରେ କେତେଗୋଟି ମଣ୍ଡି ଖୋଲିଛି, କୃଷକ ମାନେ ମଣ୍ଡିରେ ଧାନ ଦେବା ଅପେକ୍ଷା ଦଲାଲ ମାନଙ୍କୁ ଧାନ ଦେବା ପାଇଁ କ'ଣ ପାଇଁ ଶ୍ରେୟ ମନେ କରୁଛନ୍ତି, ଧାନର ମୂଲ୍ୟ, ଅଖା ସମସ୍ୟା, ଟୋକନ ସମସ୍ୟା ଇତ୍ୟାଦି କେବେସୁଦ୍ଧା ଦୂର ହୋଇ ଚାଷୀ ତା'ର ହକ ପାଇବ ବିବୃତି ରଖିବେ କି ?

----

## ବିଶ୍ୱବିଦ୍ୟାଳୟରେ ଖାଲିଥିବା ପଦବୀ

168 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର କେତୋଟି ବିଶ୍ୱବିଦ୍ୟାଳୟରେ U.G.C ର ମାର୍ଗ ନିର୍ଦ୍ଦେଶିକା ଅନୁଯାୟୀ ଆମ୍ବୁଡସମ୍ୟାନ ଗଠନ କରାଯାଇଛି, ଏହାର ଏକ ବିଶ୍ୱବିଦ୍ୟାଳୟୱାରୀ ତାଲିକା ପ୍ରଦାନ କରିବା ସହିତ ଆମ୍ବୁଡସମ୍ୟାନ ନଥିବା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ କାହା ନିକଟରେ ଅଭିଯୋଗ କରିବାର ବ୍ୟବସ୍ଥା କରାଯାଇଛି, ଏଥିସହିତ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ ଗୁଡିକରେ ବର୍ତ୍ତମାନ ସୁଦ୍ଧା କେତେ ସଂଖ୍ୟକ ମଞ୍ଜୁରୀ ପ୍ରାପ୍ତ କେଉଁ ବର୍ଗର କେତେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ରହିଛି ଏବଂ ସେଥିରୁ କେତେ ନିୟମିତ ଶିକ୍ଷକ ଓ ଅଣଶିକ୍ଷକ କାର୍ଯ୍ୟ କରୁଛନ୍ତି ତାହାର ଏକ ବିଶ୍ୱବିଦ୍ୟାଳୟୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ସଭ୍ୟଭୁକ୍ତ ହୋଇଥିବା ମତ୍ସ୍ୟଜୀବିଙ୍କ ତାଲିକା

169 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବାଲେଶ୍ୱର ଜିଲ୍ଲାରେ କେତେଗୋଟି ପ୍ରାଥମିକ ମତ୍ସ୍ୟଜୀବି ସମବାୟ ସମିତି ମାଧ୍ୟମରେ କେତେ ମତ୍ସ୍ୟଜୀବି ସଭ୍ୟଭୁକ୍ତ ହୋଇଛନ୍ତି ; ତାହାର ତାଲିକା ପ୍ରଦାନ କରି କେଉଁ ସମିତିକୁ ବିଗତ ତିନି ବର୍ଷରେ କେତେ ରଣ ଓ ଜାତୀୟ ସମବାୟ ବିକାଶ ନିଗମ ରଣ ପ୍ରଦାନ କରାଯାଇଛି ତାହାର ତାଲିକା ପ୍ରଦାନ କରିବେ କି?

----

## ବୁଲାଷଣ୍ଢଙ୍କୁ ଗୋଶାଳାରେ ରଖିବାକୁ ପଦକ୍ଷେପ

170 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବାଲେଶ୍ୱର ଜିଲ୍ଲାରେ ବୁଲା ଷଣ୍ଢ ଓ ରୁଗଣ ଗାଈଗୋରୁଙ୍କୁ ଗୋଶାଳାରେ ରଖିବାକୁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

## ଅଚଳ ପ୍ରାଥମିକ ସେବା ସମବାୟ ସମିତିକୁ ପୁନଃ କାର୍ଯ୍ୟକ୍ଷମ

171 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବାଲେଶ୍ୱର ଜିଲ୍ଲାର କେଉଁ ପ୍ରାଥମିକ ସେବା ସମବାୟ ସମିତିଗୁଡିକ ଅଚଳ ଅବସ୍ଥାରେ ଅଛି ; ତାହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ନିଆଯାଉଅଛି?

----

## ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପଦବୀ ପୂରଣ

172 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ମାନଙ୍କରେ କେତେ ସଂଖ୍ୟକ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପଦବୀ ଖାଲିଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି?

----

## ଧାନ ଉତ୍ପାଦନ ହାରର ବିବରଣୀ

173 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାଲେଶ୍ୱର ଜିଲ୍ଲାରେ ବିଗତ ତିନି ବର୍ଷରେ ହେକ୍ଟର ପିଛା ଧାନ ଉତ୍ପାଦନ ହାର କେତେ ତାହାର ବିବରଣୀ ପ୍ରଦାନ କରିବେ କି?

----

## କମ୍ପ୍ୟୁଟରୀକରଣ

174 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟରେ ସମୁଦାୟ କେତେଗୋଟି ନିୟନ୍ତ୍ରିତ ବଜାର କମିଟି ରହିଛି ; ସେଥିମଧ୍ୟରୁ କେତେଗୋଟି ବଜାର ପ୍ରାଙ୍ଗଣକୁ କେଉଁ କେଉଁ ବର୍ଷରେ କମ୍ପ୍ୟୁଟରୀକରଣ କରାଯାଇ ଓଡିଶାର ଚାଷୀମାନଙ୍କୁ ସେମାନଙ୍କର ଫସଲକୁ ରାଜ୍ୟ ଓ ରାଜ୍ୟ ବାହାରେ ଇ-ନିଲାମ ମାଧ୍ୟମରେ ବିକ୍ରି କରିବା ପାଇଁ ରାଷ୍ଟ୍ରୀୟ କୃଷି ବଜାର (e-NAM) ସହ ସଂଯୋଗ କରାଯାଇଛି ; 2022-23 ବର୍ଷରେ ଚାଷୀଙ୍କ ଉତ୍ପାଦିତ (କେତେ ପରିମାଣର ଓ କେତେ ମୂଲ୍ୟର) କି କି ଫସଲକୁ ରାଜ୍ୟ ବାହାରେ ଇ-ନିଲାମ ମାଧ୍ୟମରେ ବିକ୍ରି କରିଛନ୍ତି ତାର ବିବରଣୀ ଜିଲ୍ଲାୱାରୀ ପ୍ରଦାନ କରିବେ କି ; (ଖ) ରାଜ୍ୟର ସମସ୍ତ ବଜାର ପ୍ରାଙ୍ଗଣକୁ (Market yard) ଗୁଡିକରେ କେବେ ସୁଦ୍ଧା ଇ-ନାମ ସଂଯୋଗ କରାଯିବ ସେଥିପାଇଁ କି କି ପ୍ରସ୍ତୁତି କେଉଁ ପର୍ଯ୍ୟାୟରେ ରହିଛି କହିବେ କି?

----

## ଘରୋଇ ମହାବିଦ୍ୟାଳୟ ଓ ସରକାରୀ ମହାବିଦ୍ୟାଳୟର ତୁଳନାତ୍ମକ ତଥ୍ୟ ପ୍ରଦାନ

175 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟରେ 2013-14 ବର୍ଷରେ ବିଭିନ୍ନ ସ୍ତରର ମହାବିଦ୍ୟାଳୟ ସଂଖ୍ୟା କେତେ ଥିଲା ; ବିଭିନ୍ନ ମହାବିଦ୍ୟାଳୟ ମାନଙ୍କରେ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ସଂଖ୍ୟା କେତେ ଥିଲା ; 2023-24 ବର୍ଷରେ ଏହି ସଂଖ୍ୟା କେତେ ହ୍ରାସ କିମ୍ବା ବୃଦ୍ଧି ହୋଇଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ; (ଖ) 2013-14 ଓ 2023-24 ବର୍ଷରେ ଘରୋଇ ମହାବିଦ୍ୟାଳୟ ଓ ସରକାରୀ ମହାବିଦ୍ୟାଳୟର ତୁଳନାତ୍ମକ ତଥ୍ୟ ପ୍ରଦାନ କରିବେ କି?

----

## ରୂପାନ୍ତିକରଣ କାର୍ଯ୍ୟକ୍ରମ

176 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ କେଉଁ ଉଦ୍ଦେଶ୍ୟ ଲକ୍ଷ୍ୟ ଓ ଆଭିମୁଖ୍ୟକୁ ନେଇ କେଉଁ ବର୍ଷରୁ କେତେ ବ୍ୟୟ ଅଟ୍ଟକଳରେ କାର୍ଯ୍ୟକାରୀ କରିବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ ; ରାଜ୍ୟର କେଉଁ ଜିଲ୍ଲାରେ କେତେ ସ୍କୁଲକୁ କେତେ ବ୍ୟୟ ଅଟ୍ଟକଳରେ ରୂପାନ୍ତର କରାଯାଇଛି ତାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ; ରୂପାନ୍ତର ହୋଇଥିବା ବିଦ୍ୟାଳୟ ମାନଙ୍କରେ କେଉଁ ବାବଦରେ କେତେ ଅର୍ଥ ବ୍ୟୟ କରାଯାଇଛି ଓ କେତେ ବ୍ୟୟ ଅଟ୍ଟକଳର କାର୍ଯ୍ୟ ଅନଲାଇନ୍ ଟେଣ୍ଡର ପ୍ରକ୍ରିୟାରେ ଓ କେତେ ମୂଲ୍ୟର କାର୍ଯ୍ୟ ଅଫଲାଇନ୍ ଟେଣ୍ଡର ପ୍ରକ୍ରିୟାରେ ଓ କେତେ ଡିପାର୍ଟମେଣ୍ଟ ଦ୍ୱାରା ସଂପାଦନ କରାଯାଇଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି?

----

## କଲେଜମାନଙ୍କ ରୂପାନ୍ତିକରଣ

177 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କେତେଗୋଟି କଲେଜ ରହିଛି ଏବଂ ସମ୍ପୃକ୍ତ କଲେଜ ମାନଙ୍କରେ ରୂପାନ୍ତର ଅଭିଯାନ କେଉଁ ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟକୁ ନେଇ କେଉଁ ବର୍ଷରୁ କାର୍ଯ୍ୟକାରୀ କରାଯାଉଛି ; ରୂପାନ୍ତର ପ୍ରକ୍ରିୟାରେ କେଉଁ କେଉଁ ସୂତ୍ରରୁ କେତେ ଅର୍ଥ କେଉଁ ବର୍ଷରେ ବ୍ୟୟ କରି କେଉଁ ଜିଲ୍ଲାରେ କେତେ କଲେଜକୁ ରୂପାନ୍ତର କରାଯାଇଛି ; ଅବଶିଷ୍ଟ କେଉଁ ଜିଲ୍ଲାର କେତେ କଲେଜକୁ କେଉଁ କେଉଁ ବର୍ଷରେ ରୂପାନ୍ତର କରାଯିବ ସେଥିପାଇଁ କେତେ ଅର୍ଥ ବ୍ୟୟ କରାଯିବ କହିବେ କି ; (ଖ) ରୂପାନ୍ତର ହୋଇଥିବା କଲେଜ ମାନଙ୍କରେ ମଞ୍ଜୁରପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ସଂଖ୍ୟା କେତେ ; ସମ୍ପୃକ୍ତ ପଦବୀ ମଧ୍ୟରୁ ସ୍ଥାୟୀ ଓ ଅସ୍ଥାୟୀ ପଦବୀ ସଂଖ୍ୟା କେତେ ଏବଂ କେତେ ପଦବୀ ଖାଲି ରହିଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ; ଖାଲିଥିବା ପଦବୀ ମଧ୍ୟରୁ ଚଳିତ ଶିକ୍ଷାବର୍ଷ ମଧ୍ୟରେ କେତେ ପଦବୀ ପୂରଣ କରାଯିବ ; କେଉଁ କେଉଁ କାରଣରୁ ଦୀର୍ଘ ବର୍ଷ ଧରି ଖାଲିଥିବା ପଦବୀ ପୂରଣ କରାଯାଉନଥିଲା ତାହା ଜଣାଇବେ କି?

----

## ପୁନଃ ନିଯୁକ୍ତି ପାଇଥିବା କର୍ମଚାରୀ

178 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ବିଭାଗରେ ମଞ୍ଜୁରୀପ୍ରାପ୍ତ ଓ ଖାଲିଥିବା କେଉଁ କେଉଁ ସ୍ତରର ପଦବୀ ସଂଖ୍ୟା କେତେ ; ସମ୍ପୃକ୍ତ ପଦବୀ ମଧ୍ୟରୁ ଚଳିତ ବର୍ଷରେ କେଉଁ କେଉଁ ପଦବୀରେ କେତେ ସଂଖ୍ୟକଙ୍କୁ ନିୟୋଜିତ କରିବା ପାଇଁ ସରକାର କି କି ପ୍ରକ୍ରିୟା ଜାରି ରଖିଛନ୍ତି କେବେ ସୁଦ୍ଧା କେତେ ପଦବୀ ପୂରଣ କରାଯିବ ; ଖାଲିଥିବା ପଦବୀ ପୂରଣ ନହେବା ଯୋଗୁ 2018-19 ବର୍ଷରୁ 2022-23 ବର୍ଷ ମଧ୍ୟରେ କେଉଁ ବର୍ଷରେ କେତେ ଅର୍ଥ କମ୍ ବ୍ୟୟ କିମ୍ବା ସଞ୍ଚୟ ହୋଇଛି ; (ଖ) ବିଭାଗରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ମଧ୍ୟରୁ ଅସ୍ଥାୟୀ ତଥା ଠିକାଭିତ୍ତିରେ ଓ ନିୟମିତ କର୍ମଚାରୀଙ୍କ ସଂଖ୍ୟା କେତେ ; ଅବସର ଗ୍ରହଣ ପରେ ପୁନଃ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ସଂଖ୍ୟା କେତେ ତାହା ପ୍ରକାଶ କରିବା ସହ କେଉଁ କାରଣରୁ ବର୍ଷ ବର୍ଷ ଧରି ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ କରାଯାଉନାହିଁ ତାହା ପ୍ରକାଶ କରିବେ କି?

----

## ମାଛ ଚାଷ ଭିତ୍ତିଭୂମି ଉନ୍ନୟନ

179 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଛେଣ୍ଡିପଦା ଓ ବଆଁରପାଳ ବ୍ଲକରେ ମାଛ ଚାଷ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ସଂଗ୍ରହ କରିଥିବା ଜମାରାଶିର ପରିମାଣ

180 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଅନୁଗୋଳ କେନ୍ଦ୍ର ସମବାୟ ବ୍ୟାଙ୍କ ବିଗତ ତିନି ବର୍ଷରେ କେତେ ଜମାରାଶି ସଂଗ୍ରହ କରିଥିବା ବେଳେ କେତେ ଋଣ ଲଗାଣ କରିଛି ଓ କେତେ ଲାଭ ଓ କ୍ଷତି କରିଛି ପ୍ରକାଶ କରି ବ୍ୟାଙ୍କକୁ ଲାଭଜନକ କରିବାକୁ କି ପଦକ୍ଷେପ ନିଆଯାଉଛି?

----

## '୫-ଟି' ଯୋଜନାରେ ରୂପାନ୍ତରିତ ହୋଇଥିବା ବିଦ୍ୟାଳୟର ତାଲିକା

181 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଅନୁଗୋଳ ଜିଲ୍ଲାର କେଉଁ ବ୍ଲକ ଓ ପୌର ସଂସ୍ଥାର କେଉଁ ବିଦ୍ୟାଳୟ ଗୁଡ଼ିକ '୫-ଟି' ଯୋଜନାରେ ରୂପାନ୍ତରିତ ହୋଇଛି, ତାହାର ତାଲିକା ପ୍ରଦାନ କରିବେ କି ?

----

## ଖାଲିଥିବା କ୍ରୀଡା ପ୍ରଶିକ୍ଷକ ପଦବୀ ସଂଖ୍ୟା

182 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟର ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ କେତେଗୋଟି କ୍ରୀଡା ପ୍ରଶିକ୍ଷକ ପଦବୀ ଖାଲି ଅଛି, ଏହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଶ୍ରୀ ପଦ୍ଧତିରେ ଧାନ ଚାଷ ପାଇଁ ପ୍ରୋତ୍ସାହନ

183 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା )ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଅନୁଗୋଳ ଜିଲ୍ଲାରେ ବିଗତ ତିନି ବର୍ଷରେ ଶ୍ରୀପଦ୍ଧତିରେ କେତେ ହେକ୍ଟର ଜମିରେ ଧାନଚାଷ ହୋଇଛି, ପ୍ରକାଶ କରି ଚାଷୀମାନଙ୍କୁ ଶ୍ରୀ ପଦ୍ଧତିରେ ଧାନ ଚାଷ ପାଇଁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ଉତ୍ପାଦିତ ମାଛର ପରିମାଣ

184 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କଟକ ଜିଲ୍ଲାରେ ବାର୍ଷିକ କେତେ ମାଛର ଚାହିଦା ଥିବାବେଳେ ଜିଲ୍ଲାରୁ କେତେ ମାଛ ଉତ୍ପାଦିତ ହେଉଛି, ପ୍ରକାଶ କରି ଜିଲ୍ଲାକୁ ମାଛ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## କଟକ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର ପରିସଂଖ୍ୟାନ

185 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କଟକ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ କେତେ ଜମାରାଶି ସଂଗ୍ରହ, ଋଣ ଲଗାଣ କରିଛି, ତାହାର ତିନି ବର୍ଷର ହିସାବ ଦର୍ଶାଇ ଏହି ଅବଧିରେ ବ୍ୟାଙ୍କ କେତେ ଲାଭ ବା କ୍ଷତି କରିଛି, ତାହାର ପରିସଂଖ୍ୟାନ ଦର୍ଶାଇ ଏହାକୁ ଅଧିକ ଲାଭଜନକ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ରାତ୍ର ଜଗୁଆଳି ପଦବୀ ପୂରଣ

186 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟର ଉଚ୍ଚବିଦ୍ୟାଳୟ ମାନଙ୍କରେ କେତେ ସଂଖ୍ୟକ ରାତ୍ର ଜଗୁଆଳି ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଗ୍ରନ୍ଥାଗାରିକ ପଦବୀ ପୂରଣ

187 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର କେଉଁ ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ବିଭିନ୍ନ ବର୍ଗର ଗ୍ରନ୍ଥାଗାରିକ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ମହାବିଦ୍ୟାଳୟ ମାନଙ୍କରେ ଗ୍ରନ୍ଥାଗାରିକ ପଦବୀ ପୂରଣ

188 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର ଗ୍ରନ୍ଥାଗାରିକ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## କଳାହାଣ୍ଡି ଜିଲ୍ଲାରେ ମତ୍ସ୍ୟଚାଷ ଭିତ୍ତିଭୂମି ବିକାଶ

189 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଆସନ୍ତା ବର୍ଷାଋତୁରେ କଳାହାଣ୍ଡି ଜିଲ୍ଲାରେ ମତ୍ସ୍ୟଚାଷ ଭିତ୍ତିଭୂମି ବିକାଶ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଅଧିକ ସଂଖ୍ୟକ ଲୋକଙ୍କୁ ସମବାୟ ସଭ୍ୟଭୁକ୍ତ କରିବାକୁ ପଦକ୍ଷେପ

190 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କଳାହାଣ୍ଡି ଜିଲ୍ଲାରେ କେତେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ ଓ ସାଧାରଣ ବର୍ଗର ଲୋକ (ପୁରୁଷ ଓ ମହିଳା ୱାରୀ) ସଭ୍ୟଭୁକ୍ତ ହୋଇଛନ୍ତି ପ୍ରକାଶ କରି ଅଧିକ ସଂଖ୍ୟକ ଲୋକଙ୍କୁ ସମବାୟ ସଭ୍ୟଭୁକ୍ତ କରି ଜିଲ୍ଲାରେ ସମବାୟ ଆନ୍ଦୋଳନକୁ ସକ୍ରିୟ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟର ମାନ୍ୟତା

191 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କଳାହାଣ୍ଡି ଜିଲ୍ଲାରେ ୧୦୦ବର୍ଷ ଅବଧି ପୂର୍ଣ୍ଣ କରିଥିବା କେତେଗୋଟି ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟର ମାନ୍ୟତା ଦେଇ ତାହାର ବିକାଶ ସାଧନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବଞ୍ଚିତ ହୋଇଥିବା ଦରିଦ୍ର ଲୋକଙ୍କୁ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ସାମିଲ୍

192 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କଳାହାଣ୍ଡି ଜିଲ୍ଲାରେ କେଉଁ ବ୍ଲକ ଓ ପୌରସଂସ୍ଥାରେ କେତେଜଣ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ଖାଉଟି କାର୍ଡ ପାଇଛନ୍ତି, କିଛି ଦରିଦ୍ର ଲୋକ ବଞ୍ଚିତ ହୋଇଥିବାରୁ ସର୍ବେକ୍ଷଣ କରି ସେମାନଙ୍କୁ ସାମିଲ୍ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ଶିକ୍ଷାର ମାନବୃଦ୍ଧି ପାଇଁ ପଦକ୍ଷେପ

193 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କଳାହାଣ୍ଡି ଜିଲ୍ଲାରେ ବିଗତ ତିନି ବର୍ଷରେ ମାଟ୍ରିକ ପରୀକ୍ଷାରେ କେଉଁ ଡିଭିଜନରେ କେତେ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ପ୍ରକାଶ କରି ଜିଲ୍ଲାରେ ଶିକ୍ଷାର ମାନବୃଦ୍ଧି କରି ଉତ୍ତୀର୍ଣ୍ଣ ହାରବୃଦ୍ଧି ନିମନ୍ତେ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## B.Ed College

194 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର କେଉଁ କେଉଁ ଜିଲ୍ଲାର Autonomous College ରେ B.Ed course Self Financing ରେ ଖୋଲାଯାଇଛି, ଉକ୍ତ ଜିଲ୍ଲାରେ ସରକାରଙ୍କ ତରଫରୁ ସ୍ୱତନ୍ତ୍ରଭାବେ B.Ed College ଖୋଲାଯାଇଛି କି ନାହିଁ,ଯଦି ଖୋଲାଯାଇଥାଏ ତାହାହେଲେ ଭଦ୍ରକ ଜିଲ୍ଲାର ଆଗରପଡା DIET ରେ ଅଥବା ସ୍ୱତନ୍ତ୍ରଭାବେ ଏକ B.Ed College ଖୋଲିବାକୁ ବିଚାର କରିବେ କି?

----

## ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ସାମିଲ କରିବାକୁ ପଦକ୍ଷେପ

195 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଗୋଟିଏ କ୍ୟାମ୍ପସରେ ଥିବା ବିଦ୍ୟାଳୟଗୁଡିକର ମିଶ୍ରଣ ପାଇ ସରକାରୀ 2017ରେ ନିଷ୍ପତ୍ତି ନେଲେ ଯାହାଫଳରେ ପ୍ରଥମରୁ ଦଶମ ପିଲା ଗୋଟିଏ ବିଦ୍ୟାଳୟରେ ଅଧ୍ୟୟନ କଲେ, ଅଷ୍ଟମ ପର୍ଯ୍ୟନ୍ତ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଥିଲାବେଳେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ବଂଚିତ କରାଯାଇଥିବାରୁ ସେମାନଙ୍କୁ ଏହି ମଧ୍ୟାହ୍ନ ଭୋଜନରେ ସାମିଲ କରିବାକୁ ନିର୍ଦ୍ଦେଶ ଦେବେକି?

----

## ଭଦ୍ରକ ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା

196 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଭଦ୍ରକ ଜିଲ୍ଲାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାରେ ବିଳମ୍ବ ହେବାର କାରଣ କଣ ଓ ଏହା କେବେସୁଦ୍ଧା ପ୍ରତିଷ୍ଠା ହେବ ବୋଲି ସରକାର ବିଚାର କରୁଛନ୍ତି କି?

----

## Merger ନିଷ୍ପତ୍ତିକୁ ସ୍ଥଗିତ ରଖିବାକୁ ପଦକ୍ଷେପ

197 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଥିବା ସମସ୍ତ ବିଦ୍ୟାଳୟଗୁଡିକ 5T ଜରିଆରେ ରୂପାନ୍ତୀକରଣ ହେବା ପରେ ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି ହେବା ସହିତ ଘରୋଇ ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା ହ୍ରାସ ପାଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଉତ୍ତର ହଁ ହେଲେ ସରକାର ନେଇଥିବା Merger ନିଷ୍ପତ୍ତିକୁ ବର୍ତ୍ତମାନ ସ୍ଥଗିତ ରଖିବେ କି?

----

## ଓଡିଆ ଚେୟାର ପ୍ରତିଷ୍ଠା ପାଇଁ ପ୍ରସ୍ତାବ

198 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ସତ୍ୟବାଦୀଠାରେ ପ୍ରତିଷ୍ଠିତ ଓଡିଆ ଭାଷା ବିଶ୍ୱବିଦ୍ୟାଳୟର ଅଗ୍ରଗତି ସଂପର୍କରେ ସୂଚନା ଦେବେକି, ଭାରତ ବର୍ଷର କେଉଁ କେଉଁ ଖ୍ୟାତନାମୀ ବିଶ୍ୱବିଦ୍ୟାଳୟରେ କେଉଁ କେଉଁ କବିଙ୍କ ନାମରେ ଚେୟାର ପ୍ରତିଷ୍ଠା କରାଯାଇଛି ଓ କେଉଁ କେଉଁ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା କରାଯିବାର ପ୍ରସ୍ତାବ ରହିଛି କହିବା ସହିତ କେଉଁ Foreign University ରେ ଓଡିଆ ଚେୟାର ପ୍ରତିଷ୍ଠା ପାଇଁ ସରକାର ଚିନ୍ତା କରୁଛନ୍ତି କହିବେ କି?

----

## ଗୃହପାଳିତ ପଶୁ ଗଣନା ବିବରଣୀ ପ୍ରଦାନ

199 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଢେଙ୍କାନାଳ ଜିଲ୍ଲାରେ କେତେ ଗୋ, ମଇଁଷି ଓ ଅନ୍ୟ ଗୃହପାଳିତ ପଶୁ ଗଣନା କରାଯାଇଥିବାବେଳେ ତନ୍ମଧ୍ୟରୁ କେତେ ସଂଖ୍ୟକ ପ୍ରାଣୀଙ୍କୁ ପ୍ରାଣୀ ବୀମାଭୁକ୍ତ କରାଯାଇଛି ତାହାର ବିବରଣୀ ପ୍ରଦାନ କରିବେ କି?

----

## ସମବାୟ ବ୍ୟାଙ୍କ ମିଶ୍ରଣ

200 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଥିବା ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କଗୁଡିକୁ ମିଶ୍ରଣ ନିମନ୍ତେ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

## କର୍ମଚାରୀ ପଦବୀ ପୁରଣ

201 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଢେଙ୍କାନାଳ ଜିଲ୍ଲାରେ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟସ୍ତରରେ କେଉଁ ବର୍ଗର କେତେ ଶିକ୍ଷକ ଓ କର୍ମଚାରୀ ପଦବୀ ଖାଲିଅଛି ତାହା ପୁରଣ ପାଇଁ କି ପଦକ୍ଷେପ ନିଆଯାଉଅଛି?

----

## ଧାନ କ୍ରୟ ସଂପର୍କରେ

202 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଢେଙ୍କାନାଳ ଜିଲ୍ଲାରେ ଅଦ୍ୟାବଧି କେଉଁ ବ୍ଲକରେ କେତେ ଧାନ କ୍ରୟ କରାଯାଇଛି ଓ ଧାନ କ୍ରୟ ସୁସଂହତ ପାଇଁ କି ପଦକ୍ଷେପ ନିଆଯାଉଅଛି?

----

## ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ

203 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଢେଙ୍କାନାଳ ଜିଲ୍ଲାରେ କେତେଗୋଟି ବାତ୍ୟା ଆଶ୍ରୟସ୍ଥଳୀ କେଉଁଠାରେ ନିର୍ମାଣ ହୋଇଛି, ନିର୍ମାଣଧିନ ଓ ପ୍ରସ୍ତାବଧିନ ଅଛି, ଜିଲ୍ଲାରେ ଅଧିକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ

204 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଅନୁଗୋଳ ଜିଲ୍ଲାରେ ବିଗତ ତିନି ବର୍ଷରେ କେତେ ଦୁଗ୍ଧ ଉତ୍ପାଦନ ହୋଇଛି ପ୍ରକାଶ କରି ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## କେନ୍ଦ୍ର ସମବାୟ ବ୍ୟାଙ୍କର ଲାଭ କ୍ଷତି

205 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର କେଉଁ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ବିଗତ ତିନି ବର୍ଷରେ କେତେ ଲାଭ ଓ କ୍ଷତି କରିଛି, ଦର୍ଶାଇ ଏହାକୁ ଲାଭଜନକ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ

206 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ 2019 ରୁ 2023 ମଧ୍ୟରେ ଅବସର ନେଇଥିବା କେତେ ଶିକ୍ଷକ ଓ କର୍ମଚାରୀଙ୍କ ପୂର୍ଣ୍ଣାଙ୍ଗ ପେନସନ ମଞ୍ଜୁର ହୋଇପାରିନାହିଁ ପ୍ରକାଶ କରି ଏହା ତୁରନ୍ତ ମଞ୍ଜୁର ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

## ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ

207 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

2018 ମସିହାରୁ 2023 ମସିହା ମଧ୍ୟରେ ଅବସର ନେଇଥିବା କେତେଜଣ ଅଧ୍ୟାପକ ଓ କର୍ମଚାରୀଙ୍କ ପୂର୍ଣ୍ଣାଙ୍ଗ ପେନସନ ମଞ୍ଜୁର ହୋଇନାହିଁ, ତାହର ବର୍ଷୱାରୀ ତାଲିକା ଦର୍ଶାଇ ଏହା ତୁରନ୍ତ ମଞ୍ଜୁର ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଖରାଦିନିଆଁ ଚାଷ ପାଇଁ ପ୍ରୋତ୍ସାହନ

208 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ଚାଷୀମାନଙ୍କୁ ଖରାଦିନିଆ ଫସଲ ଚାଷ ପାଇଁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ଅଧ୍ୟାପକ ନିଯୁକ୍ତି

209 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟର କେଉଁ କେଉଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ BA (Home Science), B.Sc (Home Science), MA (Home Science) ଓ M.Sc (Home Science) ପାଠ୍ୟକ୍ରମରେ କେତେ ସଂଖ୍ୟକ ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି , ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟୱାରୀ ତଥ୍ୟ ଉପସ୍ଥାପନ କରିବେ କି; (ଖ) ଯେହେତୁ ରାଜ୍ୟରେ Home Science ପାଠ୍ୟକ୍ରମରେ BA ଓ MA Stream ରେ ଅଧିର ଛାତ୍ରଛାତ୍ରୀ ପଢ଼ିବା ପାଇଁ sanction strength ଅଛି ତେଣୁ ଅଧ୍ୟାପକ ନିଯୁକ୍ତି ସମୟରେ Home Science Subject ର Arts Stream ଓ Science Stream ରେ ୨୦ : 10 ଅନୁପାତରେ ଅଧ୍ୟାପକ ନିଯୁକ୍ତି ଦେବା ପ୍ରସ୍ତାବକୁ ସରକାର ଅନୁମୋଦନ କରିବେ କି ?

----

## ଦରଦାମ ନିୟନ୍ତ୍ରଣ ସମ୍ପର୍କରେ

210 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) 22 ଟି ଅତ୍ୟାବଶକୀୟ ଜିନିଷର ଦର ନିୟନ୍ତ୍ରଣ କରିବା ପାଇଁ ଓ ସାମୟିକ ନିଅଣ୍ଟିଆ, ପରିସ୍ଥିତିର ମୁକାବିଲା କରିବା ନିମନ୍ତେ 2014 - 15 ଠାରୁ 2022 - 23 ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ Price Stabilization Fund ଏବଂ କେନ୍ଦ୍ର ଖାଉଟି ମନ୍ତ୍ରଣାଳୟ ନିର୍ଦ୍ଦେଶରେ ରାଜ୍ୟର ନିଜସ୍ୱ PSF ପାଣ୍ଠି ସୃଷ୍ଟି ପାଇଁ କେନ୍ଦ୍ର ଦେଉଥିବା ଅନୁଦାନର ବର୍ଷୱାରୀ ତଥ୍ୟ ଦେବେ କି; କେନ୍ଦ୍ର ଦେଉଥିବା Price Stabilization fund ସତ୍ତ୍ୱେ ରାଜ୍ୟ ସରକାର ଅତ୍ୟାବଶ୍ୟକୀୟ ଜିନିଷର ଦର ନିୟନ୍ତ୍ରଣ କରି ନ ପାରି ଜିନିଷ ପତ୍ରର ଦର ବୃଦ୍ଧି ପାଇଁ କେନ୍ଦ୍ରକୁ ଦୋଷ ଦେବାର କାରଣ ଗୃହରେ ଜଣାଇବେ କି; (ଖ) କେନ୍ଦ୍ର ସରକାର NAFED ଜରିଆରେ କମ ଦରରେ ଅତ୍ୟାବଶ୍ୟକୀୟ ଜିନିଷ ବିକ୍ରୀ କରୁଥିବା ସମୟରେ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ରାଜ୍ୟବାସୀ ଦରଦାମ ବୃଦ୍ଧିର ଶୀକାର ହୋଇଥିବା ଅଭିଯୋଗ ଉପରେ ସରକାର ସ୍ପଷ୍ଟୀକରଣ ଦେବେ କି ?

----

## Miller ମାନଙ୍କ ତଥ୍ୟ ପ୍ରଦାନ

211 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) 2019 ଠାରୁ 2023 ମସିହା ପର୍ଯ୍ୟନ୍ତ ଉଭୟ ରବି ଓ ଖରିଫ Season ରେ ରାଜ୍ୟର କେଉଁ କେଉଁ Millers ଙ୍କୁ Custom Milling ପାଇଁ କେତେ ଧାନ ଦିଆଯାଇ ସେମାନଙ୍କଠାରୁ କେତେ ପରିମାଣର ଚାଉଳ ଆଦାୟ କରାଯାଇ ଆଉ କେତେ ପରିମାଣ Custom Milling ଚାଉଳ ଆଜି ପର୍ଯ୍ୟନ୍ତ ଆଦାୟ ହୋଇ ପାରିନାହିଁ ବର୍ଷୱାରୀ ,Seasonୱାରୀ, ଜିଲ୍ଲାୱାରୀ ଓ Millers ୱାରୀ ତଥ୍ୟ ଗୃହରେ ଉପସ୍ଥାପନ କରିବେ କି ; ଆଦାୟ ହୋଇ ପାରି ନଥିବା Custom Milling ଚାଉଳ ପାଇଁ ଧାନର ଅଭାବୀ ବିକ୍ରୀ ପରିସ୍ଥିତି ସୃଷ୍ଟି ହେଉଥିବାରୁ ସମ୍ପୃକ୍ତ Millers ଙ୍କ ଉପରେ କେଉଁ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି; (ଖ) 2024 ମସିହା ଖରିଫ ଓ ରବି Season ପାଇଁ Custom Milling କରିବା ନିମନ୍ତେ ରାଜ୍ୟର କେଉଁ କେଉଁ Millers ଙ୍କୁ କେତେ ଧାର୍ଯ୍ୟ ଲକ୍ଷ୍ୟ ସ୍ଥିରୀକୃତ କରାଯାଇଛି, ଜିଲ୍ଲାୱାରୀ ଓ ୱାରୀ ତଥ୍ୟ ଦେବେ କି ?

----

## ଧାନବସ୍ତା ହିସାବ ରଖିବାକୁ ପଦକ୍ଷେପ

212 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) 2019 ଠାରୁ 2024 ( 31 .01. 2024) ପର୍ଯ୍ୟନ୍ତ ଉଭୟ ରବି ଓ ଖରିଫ Season ରେ ଧାର୍ଯ୍ୟ ଲକ୍ଷ ପରିମାଣର ଧାନ ସଂଗ୍ରହ କରି Custom Milling ଚାଉଳର ସଂରକ୍ଷଣ ପାଇଁ କେତେ ସଂଖ୍ୟକ ବସ୍ତାର ଆବଶ୍ୟକତା ଥିଲା ଓ ସରକାର ବସ୍ତା ପିଛା କେତେ ଟଙ୍କା ଦରରେ କେତୋଟି ବସ୍ତା କିଣି Millers ଓ ଚାଷୀଙ୍କ ବ୍ୟବହାର ପାଇଁ କେତେ ସଂଖ୍ୟକ ବସ୍ତା ବ୍ୟବହାର କରିଛନ୍ତି ଓ ବର୍ତ୍ତମାନ କେତେ ସଂଖ୍ୟକ ବସ୍ତା ଆଉ ବ୍ୟବହାର ଯୋଗ୍ୟ ନୁହେଁ ବର୍ଷୱାରୀ, ଜିଲ୍ଲାୱାରୀ, Seasonୱାରୀ, Millers ଓ ଚାଷୀୱାରୀ ତଥ୍ୟ ଦେବେ କି; (ଖ) ବସ୍ତା କିଣା ଓ ବ୍ୟବହାରରେ ଅନିୟମିତତା ହୋଇଥିବା ଅଭିଯୋଗ ସତ୍ୟ କି; ଯଦି ଉତ୍ତର ନା ହୁଏ ତେବେ 2019 ଠାରୁ 2023 ମଧ୍ୟରେ Tender Process ରେ କିଣାଯାଇଥିବା ବସ୍ତାର Company / Supplier ୱାରୀ Quote କରାଯାଇଥିବା ଦରର Comparative Statement ସହ ବସ୍ତା କିଣାଯାଇଥିବା Company ମାନଙ୍କ ତାଲିକା ଦେବେ କି ?

----

## କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି

213 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- :-

(କ) 31 .01. 2024 ସୁଦ୍ଧା ବିଦ୍ୟାଳୟ ରୂପାନ୍ତରିତ ଯୋଜନାରେ ସରକାର କମ୍ପ୍ୟୁଟର ଶିକ୍ଷା ନିମନ୍ତେ କମ୍ପ୍ୟୁଟର ଭିତ୍ତିଭୂମି ସହ କମ୍ପ୍ୟୁଟର ଯୋଗାଣରେ କେତେ ପାଣ୍ଠି ବିନିଯୋଗ କରିଛନ୍ତି, ଜିଲ୍ଲାୱାରୀ ଓ ବିଦ୍ୟାଳୟୱାରୀ ତଥ୍ୟ ଦେବେ କି; (ଖ) ବିଦ୍ୟାଳୟ ମାନଙ୍କରେ କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ପାଇଛନ୍ତି ଓ କେତେ ସଂଖ୍ୟକ ଶିକ୍ଷକ ପଦବୀ ଖାଲି ଅଛି, କମ୍ପ୍ୟୁଟର ଶିକ୍ଷା ପାଇଁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ଛଟେଇ କରାଯାଇଥିବା ସମ୍ବନ୍ଧୀୟ ଅଭିଯୋଗର ସବିଶେଷ ତଥ୍ୟ ସହ କମ୍ପ୍ୟୁଟର ଭିତ୍ତିଭୂମି ସହ ରୂପାନ୍ତରିତ ପରେ ବିନା ଶିକ୍ଷକରେ କିଭଳି ଭାବରେ କମ୍ପ୍ୟୁଟର ଶିକ୍ଷା ଦିଆଯାଉଛି, ତଥ୍ୟ ଦେବେ କି ?

----

## ସରକାରୀ ଜମି ଲିଜ ଦେବା

214 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- :-

ରାଜ୍ୟର କେତେ ସରକାରୀ ଜମି କେଉଁ କେଉଁ ସଂସ୍ଥା, ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ୯୯ ବର୍ଷିଆ ଲିଜ ସୂତ୍ରରେ ପ୍ରଦାନ କରାଯାଇଛି ଏବଂ କେତେ ସରକାରୀ ଜମି ଜବରଦଖଲରେ ଅଛି ତହସିଲୱାରୀ ବିବରଣୀ ଦେବେ କି ?

----

## ଜୈବିକ ସାର ବ୍ୟବହାର ବୃଦ୍ଧି ନିମନ୍ତେ ପଦକ୍ଷେପ

215 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- :-

ରାଜ୍ୟରେ ବାର୍ଷିକ ସାର ଉପଯୋଗ କେତେ ଓ ସେଥିରେ ଜୈବିକ ସାର ପରିମାଣ କେତେ; ରାସାୟନିକ ସାର ଉପଯୋଗକୁ ନିରୁତ୍ସାହିତ କରି ଜୈବିକ ସାର ବ୍ୟବହାର ବୃଦ୍ଧି ନିମନ୍ତେ ସରକାରଙ୍କ ଯୋଜନା କ'ଣ ଓ ବ୍ୟୟ ଅଟକଳ କେତେ ?

----

## ମାଗଣା ଖାଦ୍ୟ ଶସ୍ୟ ଯୋଗାଣ ସମ୍ପର୍କରେ

216 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ କେନ୍ଦ୍ରସରକାର ଆମ ରାଜ୍ୟର କେତେ ଲୋକଙ୍କୁ କେବେଠାରୁ ମାଗଣାରେ ଖାଦ୍ୟ ଶସ୍ୟ ଯୋଗାଉଛନ୍ତି ଏବଂ ରାଜ୍ୟ ଯୋଜନାରେ କେତେ ଲୋକ କେବେଠୁଁ ମାଗଣା ରାସନ ପାଉଛନ୍ତି; ମାଗଣା ଖାଦ୍ୟ ଶସ୍ୟ ଆବଣ୍ଟନ ଲାଗି କେନ୍ଦ୍ର ଡ଼ିଲରମାନଙ୍କ ପାରିଶ୍ରମିକ ବାବଦରେ ଏ ପର୍ଯ୍ୟନ୍ତ ମୋଟ କେତେ ଟଙ୍କା ଦେଇଛି ଓ ସେମାନେ ସେଥିରୁ କେତେ ପାଇଛନ୍ତି ?

----

## ଚାଷୀଙ୍କୁ ଶୋଷଣ ମୁକ୍ତ କରିବାକୁ ପଦକ୍ଷେପ

217 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଖରିଫ ଧାନ କିଣାରେ କ୍ୱିଣ୍ଟାଲ ପିଛା କେତେ କିଲୋ ଗ୍ରାମ୍ କଟନି-ଛଟନି ପାଇଁ ପ୍ରାଥମିକ କୃଷି ସମବାୟ ସମିତି ଓ ଅନୁମତିପ୍ରାପ୍ତ ସଂସ୍ଥାଙ୍କୁ ନିର୍ଦ୍ଦେଶ ଦିଆଯାଇଛି କି; ଯଦି ନା, ତେବେ ଏଭଳି ଶୋଷଣରୁ ଚାଷୀଙ୍କୁ ରକ୍ଷାକରିବା ନିମନ୍ତେ ପଦକ୍ଷେପ କଣ ?

----

## ଚିଲିକା ମାଛ କଙ୍କଡ଼ାରେ ପାରଦ ମାତ୍ରା

218 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଚିଲିକାର ମାଛ, କଙ୍କଡ଼ାରେ ପାରଦ ମାତ୍ରା ଅଧିକ ଥିବାରୁ ତାହା ସ୍ୱାସ୍ଥ୍ୟ ପାଇଁ ଅହିତକର ବୋଲି ଗବେଷକମାନେ ସତର୍କ କରାଇଥିବା ସତ୍ୟ କି; ଯଦି ହଁ, ତେବେ ସରକାରଙ୍କ ପଦକ୍ଷେପ କଣ?

----

## ଜମିକୁ ସ୍ଥିତିବାନ କରିବାକୁ ପଦକ୍ଷେପ

219 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କଳାହାଣ୍ଡିରେ ନଜୁଲ ପ୍ଲଟ୍ ସ୍ଥିତିବାନ ନହୋଇ ପଡ଼ିରହିଥିବା ସଂଖ୍ୟା କେତେ; ଏ ସମସ୍ତ ପ୍ଲଟକୁ ସ୍ଥିତିବାନ କରିବା ପାଇଁ ସରକାର ତହସିଲଦାରମାନଙ୍କୁ କ୍ଷମତା ଦେଇ ଏକ ସମୟସୀମା ଭିତରେ dispose କରିବା ପାଇଁ ନିର୍ଦ୍ଦେଶ ଦେବେ କି, ଯଦି ହଁ କେବେ ଯଦି ନା ତାର କାରଣ କଣ ?

----

**Grant-in-Aid ବ୍ୟବସ୍ଥା କରିବାକୁ ପଦକ୍ଷେପ**

220 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-:-

(କ) 662 Category ମହାବିଦ୍ୟାଳୟର Service Condition ବା ସେମାନଙ୍କୁ Increment ଦେବା ବ୍ୟବସ୍ଥା ସହିତ Transfer ବ୍ୟବସ୍ଥା ଲାଗୁ କରିବେ କି ; (ଖ) Data Entry Operator ମାନଙ୍କୁ Regularise କରିବାର ବ୍ୟବସ୍ଥା କରିବେ କି; Demonstrator, Laboratory Attendant ମାନଙ୍କୁ Grant in Aid ରେ ବ୍ୟବସ୍ଥା କରିବେ କି ?

----

**୫ ବର୍ଷ ପୂରଣ କରିଥିବା lecturer ମାନଙ୍କୁ Grant-in-Aidରେ ଅନ୍ତର୍ଭୁକ୍ତ କରିବାକୁ ପଦକ୍ଷେପ**

221 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-:-

Non-Government Fully Aided Collegeର 01.06.2023ରେ ୫ ବର୍ଷ ପୂରଣ କରୁଥିବା Lecturer ମାନଙ୍କ Grant-in-Aidରେ ଅନ୍ତର୍ଭୁକ୍ତ କରିବେ କି; ସେହିପରି ୨୦୦୮ ପରଠୁ ୨୦୧୩ ଭିତରେ ହୋଇଥିବା college ମାନଙ୍କୁ Grant-in-Aidରେ ଅନ୍ତର୍ଭୁକ୍ତ କରିବେ ବା ୨୦୧୮ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା collegeକୁ ଏଥିରେ ଅନ୍ତର୍ଭୁକ୍ତ କରିବେ କି ?

----

**Market Yard ପାଇଁ ଅର୍ଥ ବ୍ୟବସ୍ଥା**

222 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-:-

(କ) ନୂତନ ଭାବରେ ଖୋଲା ହୋଇଥିବା PACS ମାନଙ୍କରେ Infrastructure ଓ ଆବଶ୍ୟକ ନିଯୁକ୍ତି ଯୋଗାଇବା ପାଇଁ କଣ ବ୍ୟବସ୍ଥା କରାଯାଇଅଛି; (ଖ) RMC ମାନଙ୍କରେ କାର୍ଯ୍ୟରତ କର୍ମଚାରୀ ମାନଙ୍କର ଦାବୀ ଉପରେ ସରକାର ସେମାନଙ୍କୁ ୧୨ ମାସ କାର୍ଯ୍ୟରେ ଲଗାଇବା ପାଇଁ କଣ ବିଚାର କରିଛନ୍ତି; ନର୍ଲା ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ Market Yard ପାଇଁ କେତେ ଅର୍ଥ ବ୍ୟବସ୍ଥା କରିଛନ୍ତି, ତାର ଏକ ସମ୍ପୂର୍ଣ୍ଣ ତାଲିକା ଦେବେ କି ?

----

**ପ୍ରତି ପଞ୍ଚାୟତର High School ପ୍ରତିଷ୍ଠା**

223 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ High School ଯୋଗାଇବା ନୀତି ଅନ୍ତର୍ଭୁକ୍ତ ହୋଇଥିବା ସତ୍ୟ କି; ୧୯୪ ବଳକା High School, 2013ରେ 365 schoolକୁ ଏହି categoryରେ ସରକାର ମଞ୍ଜୁର କରିବା ନୀତିକୁ ଅବଲମ୍ବନ କରି ଏହି ଉକ୍ତ High Schoolକୁ ଅତିଶିଘ୍ର Grant-in-Aid foldରେ ଆଣିବା ପାଇଁ ବ୍ୟବସ୍ଥା କରିବେ କି; (ଖ) ବର୍ତ୍ତମାନ ରାଜ୍ୟରେ ଗୋଟିଏ ବି ହାଇସ୍କୁଲ ନଥିବା ପଞ୍ଚାୟତ ସଂଖ୍ୟା ଜଣାଇବେ କି ଓ ଏଦିଗରେ ସରକାର କି ପଦକ୍ଷେପ ନେଉଛନ୍ତି; Fully Aided Non-Government High School ଓ M.E. School ରେ Retirement ପରେ ଶିକ୍ଷକ ଦେବାର ବ୍ୟବସ୍ଥା କରିବେ କି ?

----

## ବିଭିନ୍ନ ସ୍ତରର ଥିବା ବିଦ୍ୟାଳୟର ବିବରଣୀ

224 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟରେ ୨୦୦୯-୧୦ ବର୍ଷରେ କେଉଁ କେଉଁ ସ୍ତରର ବିଦ୍ୟାଳୟ ସଂଖ୍ୟା କେତେ ଥିଲା; ୨୦୨୩-୨୪ ଶିକ୍ଷା ବର୍ଷରେ କେଉଁ କେଉଁ ସ୍ତରର ବିଦ୍ୟାଳୟ ସଂଖ୍ୟା କେତେ ବୃଦ୍ଧି କିମ୍ବା ହ୍ରାସ ହୋଇଅଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି; ୨୦୦୯-୧୦ ରୁ ୨୦୨୩- ୨୪ ବର୍ଷ ମଧ୍ୟରେ କେଉଁ କେଉଁ ବିଭିନ୍ନ ସ୍ତରର ବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ଶିକ୍ଷକଙ୍କ ସଂଖ୍ୟା କେତେ ଥିଲା; ସଂପ୍ରତି ଏହି ସଂଖ୍ୟା କେତେ ହ୍ରାସ କିମ୍ବା ବୃଦ୍ଧି ହୋଇଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ? (ଖ) ରାଜ୍ୟରେ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ୨୦୨୨- ୨୩ ବର୍ଷରେ ମୁଣ୍ଡପିଛା କେତେ ଅର୍ଥ ବ୍ୟୟ ହୋଇଥିବା ବେଳେ ଜାତୀୟ ସ୍ତରରେ ଏହି ହାର କେତେ ଥିଲା; ୨୦୨୩-୨୪ ରେ ଏହି ହାର କେତେ ବୃଦ୍ଧି କରାଯିବାର ଆକଳନ କରାଯାଇଛି ?

----

## ସମ୍ପୃକ୍ତ ଫସଲର ଉତ୍ପାଦନ ବ୍ୟୟ ହ୍ରାସ କରିବାକୁ ପଦକ୍ଷେପ

225 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ବିଗତ ୫ ବର୍ଷ ମଧ୍ୟରେ କେଉଁ ବର୍ଷରେ କେଉଁ ଫସଲର ବିକ୍ରି ମୂଲ୍ୟ ତୁଳନାରେ ଉତ୍ପାଦନ ଖର୍ଚ୍ଚ ଅଧିକ ରହୁଥିବା ଯୋଗୁ ଚାଷୀ କ୍ଷତି ସହୁଛନ୍ତି; ସଂପୃକ୍ତ ଫସଲର ଉତ୍ପାଦନ ବ୍ୟୟ ହ୍ରାସ କରିବାକୁ ସରକାର କି କି ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିଛନ୍ତି ଓ କ'ଣ କରିବାକୁ ଯାଉଛନ୍ତି ? (ଖ) ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଟ୍ରାକ୍ଟର, ପାୱାରଟିଲର ଓ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ସୁଲଭ ଭଡା ସୂତ୍ରରେ ଚାଷୀକୁ ଯୋଗାଇ ଦେବା ପାଇଁ ହୋଇଥିବା ଯୋଜନା କେତେ ସଫଳ ହୋଇଛି ତାହା ବିସ୍ତୃତ ଭାବେ ଅବଗତ କରିବେ କି; କେଉଁ ଜିଲ୍ଲାରେ କେତେ ପଞ୍ଚାୟତ ରହିଛି ଓ ସେଥିମଧ୍ୟରୁ କେତେଗୋଟି ପଞ୍ଚାୟତରେ ଉନ୍ନତମାନର କୃଷି ଯନ୍ତ୍ରପାତି ଚାଷୀଙ୍କୁ ଭଡା ସୂତ୍ରରେ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି ତାହା ପ୍ରକାଶ କରିବେ କି ?

----

## ନୂତନ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ସଂଖ୍ୟା

226 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ୨୦୧୨-୧୩ ରୁ ୨୦୨୩-୨୪ ଶିକ୍ଷାବର୍ଷ ମଧ୍ୟରେ କେଉଁ କେଉଁ ଶିକ୍ଷା ବର୍ଷ ଶେଷ ସୁଦ୍ଧା ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ଓ ଅଣଶିକ୍ଷକ ପଦବୀ ମଧ୍ୟରୁ କେଉଁ କେଉଁ ବର୍ଷରେ କେତେ କେତେ ଶିକ୍ଷକ ପଦବୀ ଖାଲିଥିଲା ଏବଂ ସମ୍ପୃକ୍ତ ବର୍ଷ ମଧ୍ୟରେ କେଉଁ କେଉଁ ବର୍ଷରେ କେତେ ଶିକ୍ଷକ ଅବସର ଗ୍ରହଣ କରିଥିଲେ; ଖାଲିଥିବା ପଦବୀ ମଧ୍ୟରୁ କେଉଁ ବର୍ଷ କେତେ ଜଣ ଶିକ୍ଷକଙ୍କୁ ନୂତନ ନିଯୁକ୍ତି ଦିଆଯାଇଥିଲା ତାହା ଜଣାଇବେ କି ? (ଖ) କେଉଁ କାରଣରୁ ଖାଲିଥିବା ସମସ୍ତ ଶିକ୍ଷକ ପଦବୀ ପୂରଣ କରାଯାଉନଥିଲା ତାର ସ୍ପଷ୍ଟ ଉତ୍ତର ପ୍ରଦାନ କରିବେ କି; ୨୦୨୩-୨୪ ଶିକ୍ଷାବର୍ଷରେ କେତେ ଖାଲିଥିବା ଶିକ୍ଷକ ପଦବୀରୁ କେଉଁ ମାସସୁଦ୍ଧା କେତେ ପଦବୀ ପୂରଣ କରାଯିବ ସେଥିପାଇଁ କି କି ପ୍ରସ୍ତୁତି କେଉଁ ପର୍ଯ୍ୟାୟରେ ରହିଛି ?

----

## ବିଭିନ୍ନ ସ୍ତରର ବିଦ୍ୟାଳୟ ସଂଖ୍ୟା

227 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟରେ ୨୦୦୯-୧୦ ବର୍ଷରେ କେଉଁ କେଉଁ ସ୍ତରର ବିଦ୍ୟାଳୟ ସଂଖ୍ୟା କେତେ ଥିଲା; ୨୦୨୩-୨୪ ଶିକ୍ଷା ବର୍ଷରେ କେଉଁ କେଉଁ ସ୍ତରର ବିଦ୍ୟାଳୟ ସଂଖ୍ୟା କେତେ ବୃଦ୍ଧି କିମ୍ବା ହ୍ରାସ ହୋଇଅଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି; ୨୦୦୯-୧୦ ରୁ ୨୦୨୩—୨୪ ବର୍ଷ ମଧ୍ୟରେ କେଉଁ କେଉଁ ବିଭିନ୍ନ ସ୍ତରର ବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ଶିକ୍ଷକଙ୍କ ସଂଖ୍ୟା କେତେ ଥିଲା; ସଂପ୍ରତି ଏହି ସଂଖ୍ୟା କେତେ ହ୍ରାସ କିମ୍ବା ବୃଦ୍ଧି ହୋଇଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ? (ଖ) ରାଜ୍ୟରେ ପ୍ରାଥମିକ ଓ ମାଧମିକ ସ୍ତରରେ ୨୦୨୨- ୨୩ ବର୍ଷରେ ମୁଣ୍ଡପିଛା କେତେ ଅର୍ଥ ବ୍ୟୟ ହୋଇଥିବା ବେଳେ ଜାତୀୟ ସ୍ତରରେ ଏହି ହାର କେତେ ଥିଲା; ୨୦୨୩-୨୪ ରେ ଏହି ହାର କେତେ ବୃଦ୍ଧି କରାଯିବାର ଆକଳନ କରାଯାଇଛି ?

----

## ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ

228 **ଶ୍ରୀ ରୁଦ୍ର ପ୍ରତାପ ମହାରଥୀ (ପିପିଲି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ପିପିଲି-ଡ଼େଲାଙ୍ଗ ନିର୍ବାଚନ ମଣ୍ଡଳୀ ବାତ୍ୟା ପ୍ରବଣ ମଣ୍ଡଳୀ ହୋଇ ମଧ୍ୟ ନିର୍ବାଚନ ମଣ୍ଡଳୀକୁ ଏକ ବାତ୍ୟା ଆଶ୍ରୟସ୍ଥଳୀ ମିଳିଲା ନାହିଁ, ବାତ୍ୟା ଆଶ୍ରୟସ୍ଥଳୀ ନଥିବା ଯୋଗୁଁ ବହୁତ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେଣୁ ଏକ ନୂତନ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ କି ପଦକ୍ଷେପ ନେଇଛନ୍ତି ତାହା ଜଣାଇବେ କି ?

----

## ସମବାୟ ଶୀତଳ ଭଣ୍ଡାରର ପୁନରୁଦ୍ଧାର

229 **ଶ୍ରୀ ରୁଦ୍ର ପ୍ରତାପ ମହାରଥୀ (ପିପିଲି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ପୁରୀ ଜିଲ୍ଲାର ବହୁ ପୁରାତନ ଶୀତଳ ଭଣ୍ଡାର (ମା ଉତ୍ତରୀୟଣୀ ସମବାୟ ଶୀତଳ ଭଣ୍ଡାର) ରହିଥିଲେ ମଧ୍ୟ ଫନି ବାତ୍ୟା ପରଠାରୁ ଏହା ଅଚଳ ହୋଇପଡିରହିଛି, ବିଧାନସଭାରେ ବାରମ୍ବାର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମବାୟ ଶୀତଳ ଭଣ୍ଡାରର ପୁନଃଉଦ୍ଧାର କାର୍ଯ୍ୟ ହୋଇପାରି ନାହିଁ, ଏହା ଉପରେ କି ପଦକ୍ଷେପ ନିଆଯାଇଛି ଏବଂ କେବେ ସୁଦ୍ଧା ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହେବ ଜଣାଇବେ କି ?

----

## ଡାକବଙ୍ଗଳାର ମରାମତି

230 **ଶ୍ରୀ ରୁଦ୍ର ପ୍ରତାପ ମହାରଥୀ (ପିପିଲି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ପିପିଲି ଠାରେ ଥିବା ଡାକ ବଙ୍ଗଳାଟି ବହୁ ପୁରାତନ ହୋଇଥିବାରୁ ଏହାର ମରାମତି ଓ ଅତିରିକ୍ତ ଗୃହ ଏବଂ ଉନ୍ନତୀକରଣ କରିବା ପାଇଁ ପଦକ୍ଷେପ ନେବେ କି ଏବଂ ଉକ୍ତ ଡାକ ବଙ୍ଗଳା ପାଇଁ କଣ ବ୍ୟୟ ବରାଦ ରଖିଛନ୍ତି ଏବଂ କେବେ କାର୍ଯ୍ୟକ୍ଷମ ହେବ ?

----

## ପିପିଲି ଠାରେ ନୂତନ ଅତ୍ୟାଧୁନିକ ଡାକ ବଙ୍ଗଳା ନିର୍ମାଣ

231 **ଶ୍ରୀ ରୁଦ୍ର ପ୍ରତାପ ମହାରଥୀ (ପିପିଲି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବିଶ୍ୱ ପ୍ରସିଦ୍ଧ ପୁରୀ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପ୍ରତ୍ୟେକ ଦିନ VVIP ଓ VIP ମାନେ ପିପିଲି ଦେଇ ଗସ୍ତ କରୁଥିବା ବେଳେ ପିପିଲି ଠାରେ ଏକ ନୂତନ ଅତ୍ୟାଧୁନିକ ଡାକ ବଙ୍ଗଳା ନିର୍ମାଣ କରିବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ଏବଂ ପ୍ରସ୍ତାବ ଅଛି କି, ଯଦି ଅଛି ତାହାହେଲେ କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ ତାହା ଜଣାଇବେ କି ?

----

## ଗୋଶାଳା ପ୍ରତିଷ୍ଠା

232 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର ପ୍ରତ୍ୟେକ ବ୍ଲକ ଓ ପୌର ସଂସ୍ଥାରେ ବୁଲା ଷଣ୍ଢ ଓ ରୁଗ୍ଣ ଗାଈ ଗୋରୁଙ୍କୁ ରଖିବାକୁ ଗୋଶାଳା ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଅର୍ବାନ କୋ - ଅପରେଟିଭ ବ୍ୟାଙ୍କର ଲାଭ କ୍ଷତି

233 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ କେଉଁ କେଉଁ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ବିଗତ ତିନି ବର୍ଷରେ କେତେ ଲାଭ ଓ କ୍ଷତି କରିଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ସମସ୍ତ ବିଦ୍ୟାର୍ଥୀଙ୍କୁ ବୀମାଭୁକ୍ତ କରିବାକୁ ପଦକ୍ଷେପ

234 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର ସମସ୍ତ ବିଦ୍ୟାର୍ଥୀଙ୍କୁ ବୀମାଭୁକ୍ତ କରିବାକୁ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ବିଦ୍ୟାର୍ଥୀଙ୍କୁ ବୀମାଭୁକ୍ତ କରିବାକୁ ପଦକ୍ଷେପ

235 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ଶିକ୍ଷାନୁଷ୍ଠାନ ମାନଙ୍କରେ ଅଧ୍ୟୟନରତ ସମସ୍ତ ବିଦ୍ୟାର୍ଥୀଙ୍କୁ ବୀମାଭୁକ୍ତ କରିବାକୁ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ତୈଳବୀଜ ଚାଷ ପାଇଁ ପ୍ରୋତ୍ସାହନ

236 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଭଦ୍ରକ ଜିଲ୍ଲାରେ ଡାଲି ଓ ତୈଳବୀଜ ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ପାଠାଗାରର ଉନ୍ନତିକରଣ

237 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବିଗତ ତିନି ବର୍ଷରେ କେଉଁ ମହାବିଦ୍ୟାଳୟର ପାଠାଗାର ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କେତେ ଅର୍ଥ ମଞ୍ଜୁର କରିଛନ୍ତି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ସମିତିକୁ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

238 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ କେତେଗୋଟି ପ୍ରାଥମିକ ସମବାୟ ସମିତି ଅଚଳ ଅବସ୍ଥାରେ ଅଛି, ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ପ୍ରୟୋଗଶାଳା ଭିତ୍ତିଭୂମି ଉନ୍ନୟନ

239 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ ମହାବିଦ୍ୟାଳୟ ପ୍ରୟୋଗଶାଳା ଭିତ୍ତିଭୂମି ଉନ୍ନୟନ ପାଇଁ ବିଗତ ତିନି ବର୍ଷରେ କେଉଁ ମହାବିଦ୍ୟାଳୟକୁ କେତେ ସରକାରୀ ଅନୁଦାନ ପ୍ରଦାନ କରାଯାଇଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ବିନା ଅନୁମୋଦନର ଚାଲୁଥିବା କଲେଜ ଓ ବିଶ୍ୱବିଦ୍ୟାଳୟର ସଂଖ୍ୟା

240 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟର ଉଚ୍ଚ ଶିକ୍ଷା ନିମନ୍ତେ କେତୋଟି କଲେଜ ଓ ବିଶ୍ୱ ବିଦ୍ୟାଳୟ ସ୍ଥାପନ ହୋଇଛି, ସେଥିମଧ୍ୟରୁ ସରକାରୀ ଭାବେ କେତେ କଲେଜ ଓ ବିଶ୍ୱବିଦ୍ୟାଳୟ ରହିଛି, ବିନା ବିଭାଗୀୟ ଅନୁମୋଦନରେ ରାଜ୍ୟରେ କେତୋଟି କଲେଜ ଓ ବିଶ୍ୱବିଦ୍ୟାଳୟ ଚାଲିଛି ତାହା ସରକାର ଅବଗତ ଅଛନ୍ତି କି, ଏଥିପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ସ୍ପଷ୍ଟ କରିବେ କି ?

----

## ସମବାୟ ବ୍ୟାଙ୍କରେ ଦୁର୍ନୀତି

241 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ କେଉଁ କେଉଁ ସମବାୟ ବ୍ୟାଙ୍କ ଗୁଡିକରେ କେତେ ପରିମାଣର ଅର୍ଥ ଦୁର୍ନିତି ହୋଇଛି, ଏଥିପାଇଁ କେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି, ଏହାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ?

----

**ରୁପାନ୍ତରିକରଣ ହୋଇଥିବା ସ୍କୁଲର ସଂଖ୍ୟା**

242 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ସମୁଦାୟ କେତୋଟି ସ୍କୁଲ ରହିଛି ସେଥିମଧ୍ୟରୁ କେତୋଟି ସ୍କୁଲର ରୂପାନ୍ତରିକରଣ ହୋଇଛି କେତୋଟି ସ୍କୁଲ ରୂପାନ୍ତରୀକରଣ ପାଇଁ ବାକି ରହିଛି ବିଭିନ୍ନ ସ୍କୁଲର ଶ୍ରେଣୀଗୃହ ନଥିବା କଥା ସତ୍ୟ କି କେଉଁ କେଉଁ ଜିଲ୍ଲାର କେତୋଟି ବିଦ୍ୟାଳୟରେ ଶ୍ରେଣୀଗୃହର ଅଭାବ ରହିଛି ଏହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

**ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା**

243 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟପାଇଁ ବଜ୍ରପାତ ଜନିତ ମୃତ୍ୟୁ ଆଉ ଏକ ପ୍ରାକୃତିକ ବିପର୍ଯ୍ୟୟ କି ଗତ 5 ବର୍ଷ ମଧ୍ୟରେ ଏହାଦ୍ୱାରା କେତେ ଜଣ ପ୍ରାଣ ହରାଇଲେଣି ଓ କେତେ ଜଣ ପଙ୍ଗୁ / ଆହାତ ହୋଇଛନ୍ତି ସେମାନଙ୍କୁ କି ପ୍ରକାର ସହାୟତା ପ୍ରାଦନ କରାଯାଇଛି ତାହା ସ୍ପଷ୍ଟ କରିବେ କି ?

----

**N.P.S ବାବଦରେ ରାଜ୍ୟ ସରକାରଙ୍କ ପଦକ୍ଷେପ**

244 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

1. ପ୍ରାଥମିକ ଶିକ୍ଷକ ଦୀର୍ଘ ଦିନ ହେଲା କେନ୍ଦ୍ରୀୟ ହାରରେ ଦରମା ଦାବୀ କରୁଥିବା ବେଳେ ରାଜ୍ୟ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ କଣ ବ୍ୟବସ୍ଥା କରିଛନ୍ତି, 2.N.P.S ବାବଦରେ ରାଜ୍ୟ ସରକାର କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ଛଅ ବର୍ଷକୁ ମୂଳ ଚାକିରୀରେ ଗଣନା କରିବା ପାଇଁ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଅଣ୍ଡା ତରକାରୀ ପାଇଁ ଆର୍ଥିକ ଅର୍ଥ ପ୍ରଦାନ

245 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः-

ବିଦ୍ୟାଳୟ ଗୁଡିକରେ ମଧ୍ୟ୍ୟାନ ଭୋଜନ ପାଇଁ ବର୍ତ୍ତମାନ କେଉଁ ଶ୍ରେଣୀର ପିଲ୍ଲାଙ୍କ ପାଇଁ ମୁଣ୍ଡ ପାଛା କେତେ ଅର୍ଥ ପ୍ରଦାନ କରାଯାଇଅଛି ଓ ଏହି ଅର୍ଥରେ କି କି ପ୍ରକାର ଖାଦ୍ୟ ଯୋଗାଇବା ପାଇଁ ବ୍ୟବସ୍ଥା ରହିଛି ପିଲାମାନଙ୍କୁ ଦିଆଯାଇଥିବା ଅଣ୍ଡାର ଦର ଏବେ ବଜାରରେ ଗୋଟା ପ୍ରତି ୪ ରୁ ୭ ଟଙ୍କା ଥିବା ସରକାର ଜାଣନ୍ତି କି ଯଦି ହଁ ତେବେ ପିଲାମାନଙ୍କୁ କିଭଳି ଭାତ ସହିତ ଅଣ୍ଡା ତରକାରୀ ଦେବାପାଇଁ ସରକାର ଅଧିକ ଅର୍ଥ ପ୍ରଦାନ କରିବେ କି ?

----

## ବିଦ୍ୟାଳୟ ପୁନଃ ଖୋଲିବାକୁ ପଦକ୍ଷେପ

246 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः-

ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ଯୋଗୁଁ ସରକାର କେଉଁ ଜିଲ୍ଲାରେ କେତେ ସଂଖ୍ୟକ ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟ ସହ ମିଶ୍ରଣ କରିଛନ୍ତି, ବନ୍ଦ ହୋଇଯାଇଥିବା ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି ପରେ ସେଗୁଡିକୁ ପୁନର୍ବାର ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ କି, ଯଦି 'ହଁ' ତେବେ ଏଥିପାଇଁ କି କି ସର୍ତ୍ତ ରହିଥିଲା ଓ ସର୍ତ୍ତ ପୂରଣ କରି କେତେ ସଂଖ୍ୟକ ବିଦ୍ୟାଳୟ ପକ୍ଷରୁ ପୁନଃ ଖୋଲିବା ପାଇଁ ଆବେଦନ ହୋଇଥିଲା ଓ ବର୍ତ୍ତମାନ ସୁଦ୍ଧା କେତେ ସଂଖ୍ୟକ ବିଦ୍ୟାଳୟ ଖୋଲିଛି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## ଶୀତଳ ଭଣ୍ଡାର ସ୍ଥାପନ ସଂଖ୍ୟା

247 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः-

ରାଜ୍ୟରେ ଏବେ ସରକାରୀ ଓ ବେସରକାରୀ ସ୍ତରରେ କେତୋଟି ଚଳନକ୍ଷମ ଶୀତଳଭଣ୍ଡାର ରହିଛି ଓ ସେଗୁଡିକର ଧାରଣ କ୍ଷମତା କେତେ, ଆମ ରାଜ୍ୟରେ ଉତ୍ପାଦନ ହେଉଥିବା ଆଳୁ, ପନିପରିବା ରଖିବା ପାଇଁ କେତେ ପରିମାଣର ଶୀତଳ ଭଣ୍ଡାର ଆବଶ୍ୟକ, ଘରୋଇ ସ୍ତରରେ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର କେବେ ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରିଥିଲେ ଓ ଏଥିରେ ସବୁ କି କି ପ୍ରୋତ୍ସାହନ ମୂଳକ ବ୍ୟବସ୍ଥା ଥିଲା, ଏହା କାର୍ଯ୍ୟକାରୀ ପରେ କେଉଁ ଜିଲ୍ଲାରେ କେତୋଟି ନୂତନ ଶୀତଳ ଭଣ୍ଡାର ସ୍ଥାପନ ହୋଇଛି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ ?

----

## ଡିଗ୍ରୀ କଲେଜରେ ଅଧ୍ୟାପକ ଥିବା ସମ୍ପର୍କରେ

248 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରଣପୁର ନିର୍ବାଚନ ମଣ୍ଡଳୀର କେଉଁ କେଉଁ ଡିଗ୍ରୀ କଲେଜରେ +3 ବିଜ୍ଞାନ ପାଠ୍ୟକ୍ରମ ଅଛି, ଉକ୍ତ ମହାବିଦ୍ୟାଳୟରେ ବିଜ୍ଞାନର କେଉଁ କେଉଁ ବିଭାଗ ଖୋଲାଯାଇଛି, ଉକ୍ତ ବିଭାଗ ଗୁଡିକରେ ବର୍ତ୍ତମାନ ଅଧ୍ୟାପକ ନଥିବା ବିଭାଗର ଛାତ୍ରଛାତ୍ରୀ ମାନଙ୍କ ପାଇଁ କଣ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଛି, ତତ ସହିତ ଖାଲିଥିବା କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଗୁଡିକର ଅଧ୍ୟାପକ ପଦ ପୂରଣ ସହ ବ୍ଲକଗ୍ରାଣ୍ଟ ବ୍ୟବସ୍ଥାକୁ ଉଚ୍ଛେଦ କରି ନିୟମିତ ବ୍ୟବସ୍ଥା କରାଯାଉ, Self Finance ଯୋଜନାକୁ ପୁନଃବିଚାର କରାଯାଇ ଏହାକୁ ବନ୍ଦ କରିବାର ବ୍ୟବସ୍ଥା କରିବେ କି ?

----

## ମାଛ ଚାଷ ପ୍ରତି ଆଗ୍ରହ

249 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରାଯାଇ ଶିକ୍ଷିକ ବେକାର ଯୁବକ ଯୁବତୀ ମାନଙ୍କୁ ବାୟୋଫ୍ଲକ ଓ ପୂର୍ଣ୍ଣ ସଂଚାଳନ ପଦ୍ଧତିର ପ୍ରୟୋଗ କରି ସେମାନଙ୍କୁ ମାଛଚାଷ ପ୍ରତି ଆକୃଷ୍ଟ କରିବାସହ ପ୍ରୋତ୍ସାହନ ଓ ପ୍ରଚାର ଦ୍ୱାରା ଏହାକୁ ବ୍ୟାପକ ଭାବେ ଲାଗୁ କରିବାର ବ୍ୟବସ୍ଥା କରିବେ କି ?

----

## ପରୀକ୍ଷାଗାର ପ୍ରତିଷ୍ଠା

250 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଖାଦ୍ୟଶସ୍ୟ ଓ ପନିପରିବା ଉତ୍ପାଦନ ନିମନ୍ତେ ଅନୁମୋଦିତ ହାରରେ ରାସାୟନିକ ସାର ଓ ଔଷଧ ପ୍ରୟୋଗ ହେଉନଥିବା ଏବଂ ମାରାତ୍ମକ ରାସାୟନିକ କୀଟନାଶକ ବ୍ୟବହାର ଯୋଗୁ ସାଧାରଣ ଜନତା ଓ କୃଷକଙ୍କ ଉପରେ ଏହର କୁପ୍ରଭାବ ପଡୁଥିବା ପରିପ୍ରେକ୍ଷୀରେ ଏହାର ନିରାକରଣ ନିମନ୍ତେ ସରକାରୀ ସ୍ତରରେ କି କି ବ୍ୟବସ୍ଥା ରହିଛି ଓ ଏହାର ଉପଯୋଗ କିଭଳି ହେଉଛି କହିବେ କି ? ଖାଦ୍ୟଶସ୍ୟ ଓ ପନିପରିବା ଉତ୍ପାଦନରେ ରାସାୟନିକ କୀଟନାଶକର କୁପ୍ରଭାବକୁ ପରୀକ୍ଷା କରିବା ପାଇଁ ରାଜ୍ୟରେ କୌଣସି ପରୀକ୍ଷାଗାରର ଆବଶ୍ୟକତା ଅଛି କି ? ଯଦି ଅଛି ତେବେ କେଉଁ କାରଣରୁ ପରୀକ୍ଷାଗାର ପ୍ରତିଷ୍ଠା କରାଯାଉନାହିଁ (ଖ) କେଉଁ କେଉଁ ସାର ଓ ରାସାୟନିକ କୀଟନାଶକର ବ୍ୟବହାରର ମାତ୍ରା କେତେମାତ୍ରାରେ ବୃଦ୍ଧି ପାଇଛି ତାର ବର୍ଷ ଓ ଜିଲ୍ଲାୱାରୀ ବିବରଣୀ ୧୦ ବରଷର ପ୍ରଦାନ କରିବେ କି ?

----

## ମକା ଉତ୍ପାଦନ ନିମନ୍ତେ ପ୍ରୋତ୍ସାହନ

251 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ ମକା ଉତ୍ପାଦନ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ କି କି ପ୍ରୋତ୍ସାହନ ବ୍ୟବସ୍ଥା କେବେଠାରୁ କରାଯାଇଛି ? ସଂପୃକ୍ତ ବ୍ୟବସ୍ଥା ଆଧାରରେ ବିଗତ ପାଞ୍ଚ ବର୍ଷ ମଧ୍ୟରେ କେଉଁ କେଉଁ ଜିଲ୍ଲାରେ କେତେ ଚାଷୀ କେତେ ପରିମାଣ ଜମିରେ କେତେ ମକା ଉତ୍ପାଦନ କରିଛନ୍ତି ତାର ବର୍ଷ ଓ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, ଉତ୍ପାଦିତ ମକାର ବିକ୍ରି ଓ ସଂରକ୍ଷଣ ନିମନ୍ତେ ଶୀତଳଭଣ୍ଡାର ଓ ପ୍ରୋସେସିଂ ନିମନ୍ତେ ସରକାର କି କି ବ୍ୟବସ୍ଥା କରିଛନ୍ତି , (ଖ) ମକାର କ୍ୱିଣ୍ଟାଲ୍ ପ୍ରତି କେଉଁ କେଉଁ ବାବଦରେ ଉତ୍ପାଦନ ଖର୍ଚ୍ଚ କେଉଁ ଜିଲ୍ଲାରେ କେତେ ହେଉଥିବା ବେଳେ କେତେ ମୂଲ୍ୟରେ ଚାଷୀ ବିକ୍ରି କରୁଅଛି, ସେଥିମଧ୍ୟରୁ ରାଜ୍ୟରେ କେତେ ମକା ପ୍ରୋସେସିଂ ହେଉଛି ଓ କେତେ ରାଜ୍ୟ ବାହାରକୁ ଯାଉଛି ତାର ଏକ ବିବରଣୀ ପ୍ରଦାନ କରିବେ କି ?

----

## କୃଷକଙ୍କୁ କ୍ଷତିପୂରଣ

252 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କୃଷକ ଫସଲ ବୀମା ଯୋଜନା ଆରମ୍ଭ ହେବା କାଳରୁ ୨୦୨୨-୨୩ ବର୍ଷ ମଧ୍ୟରେ ରାଜ୍ୟର କ୍ଷୁଦ୍ର, ମଧ୍ୟମ ବର୍ଗର ସମୁଦାୟ କେତେ କୃଷକଙ୍କ ମଧ୍ୟରୁ କେତେ ଜଣ କୃଷକ କେଉଁ ବର୍ଷରେ କେଉଁ ଜିଲ୍ଲାରେ ପଞ୍ଜୀକୃତ ହୋଇଥିଲେ; ପ୍ରିମିୟମ ବାବଦରେ ସେମାନେ କେତେ ଅର୍ଥ ଜମା କରିଛନ୍ତି, ସେମାନଙ୍କ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କେତେ ଅର୍ଥ ରାଶି ଜମା କରିଛନ୍ତି ; କେଉଁ କେଉଁ ବର୍ଷରେ କେତେ ସଂଖ୍ୟକ କୃଷକ କେତେ ପରିମାଣର କ୍ଷତିପୂରଣ ରାଶି ପାଇଛନ୍ତି, କେତେ ଆଦୌ ପାଇନାହାନ୍ତି, କେତେ ଯୋଗ୍ୟ କୃଷକ ବାଦ୍ ପଡ଼ିଛନ୍ତି ; ପ୍ରତିବର୍ଷ କେଉଁ ବୀମା କମ୍ପାନୀକୁ ବୀମା ପ୍ରିମିୟମ୍ ବାବଦକୁ କେତେ ଅର୍ଥ ପ୍ରଦାନ କରାଯାଇଛି ସେ ନେଇ ବର୍ଷ ଓ ଜିଲ୍ଲାୱାରୀ ତଥ୍ୟ ଦେବେ କି; କେନ୍ଦ୍ରୀୟ ଫସଲ ବୀମା ଯୋଜନା ଦ୍ଵାରା ରାଜ୍ୟର କୃଷକମାନେ ଉପକୃତ ହେଉଛନ୍ତି ନା ସେମାନଙ୍କ ନିମନ୍ତେ ରାଜ୍ୟ ସରକାର ସତନ୍ତ୍ର ବୀମା ଯୋଜନା କରିଛନ୍ତି ବା କରିବାକୁ ଯାଉଛନ୍ତି କହିବେ କି ?

----

## ରଣପୁର ର ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ

253 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟ ସରକାର ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ରଣପୁର ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦ ଖାଲି ପଡିଅଛି, କେଉଁ କେଉଁ ବିଦ୍ୟାଳୟରେ ମାତ୍ର ଜଣେ ଶିକ୍ଷକରେ ବିଦ୍ୟାଳୟ ଚାଲିଛି, ତାହାର ଏକ ତାଲିକା ବ୍ଲକୱାରୀ ପ୍ରଦାନ କରିବେ କି, ଉକ୍ତ ପଦବୀ ଗୁଡିକୁ ପୁରଣ ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ତଥା କେବେସୁଦ୍ଧା ପୂରଣ ହେବ ଜଣାଇବେ କି ?

----

## Deep Borewell ଖୋଳି ସବସିଡି ନେଇଥିବା ଚାଷୀଙ୍କ ସଂଖ୍ୟା

254 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରଣପୁର ନିର୍ବାଚନ ମଣ୍ଡଳୀରେ ବିଗତ ପାଞ୍ଚ ବର୍ଷରେ କେତେଜଣ ଚାଷୀ ନିଜ ଚାଷ ଜମିରେ ଜଳଯୋଗାଣ ସହ ନିଜ ଚାଷର ଉନ୍ନତି ପାଇଁ Borewell ଓ କ୍ଲଷ୍ଟର ଯୋଜନାରେ Deep Borewell ଖୋଳି ସରକାରୀ ସବସିଡି ନେଇଛନ୍ତି, ଉକ୍ତ Borewell ଓ Deep Borewell ମଧ୍ୟରୁ କେତୋଟି ପୂର୍ଣ୍ଣ କାର୍ଯ୍ୟକ୍ଷମ ସହ ଉପଯୁକ୍ତ ବିନିଯୋଗ ହୋଇପାରିଛି ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## Record ର ତଥ୍ୟ ପ୍ରଦାନ

255 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଡେଲାଙ୍ଗ/ପିପିଲି ତହସିଲ ଅଧିନସ୍ଥ ମୌଜା-ଗୋଡମୋଟରୀ ଅଧିନସ୍ଥ ଦାଖଲ ଖାରଜ ମକଦ୍ଦମା ନଂ-793/2012, ଦାଖଲ ଖାରଜ ମକଦ୍ଦମା ନଂ-127/2008 ତଥା Case No.-29/2019 ଓ ଦାଖଲ ଖାରଜ ମକଦ୍ଦମା ନଂ-୬94/2020 ଗୁଡିକର Case record ର ତଥ୍ୟ ପ୍ରଦାନ କରିବେ କି ?

----

## ବକେୟା ପ୍ରାପ୍ୟ ଏବଂ ନିଯୁକ୍ତି ପ୍ରଦାନ

256 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

Apollo Hospital ଭୁବନେଶ୍ୱରଙ୍କ ଠାରେ ତା.02.12.2023 ରିଖରୁ ଚିକିତ୍ସା ହୋଇ ତା.0୬.12.2023 ରିଖ ରାତ୍ର 11.25 ମିନିଟ୍ ରେ ମୃତ୍ୟୁବରଣ କରିଥିବା ଶିକ୍ଷକଙ୍କ ଅନୁସନ୍ଧାନ କରାଇ ମାନ୍ୟବର ଉପରୋକ୍ତ ପରିବାର ମାନଙ୍କର Pension ଭୋଗୀଙ୍କୁ ତୁରନ୍ତ Pension ପ୍ରଦାନ କରିବା ସହ ସେମାନଙ୍କର ସମସ୍ତ ବକେୟା ଦେୟକୁ ଏକକାଳୀନ ପ୍ରଦାନ କରାଇବା ସହ Compensation Ground ରେ ଉପରୋକ୍ତ ପରିବାର Legal Heir ଙ୍କୁ ତୁରନ୍ତ ଚାକିରୀ ପ୍ରଦାନ କରାଇବାର ବିହିତ ପଦକ୍ଷେପ ନେବାକୁ ଆଦେଶ ପ୍ରଦାନ କରିବେ କି ?

----

## ତଥ୍ୟ ପ୍ରଦାନ

257 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) U.D. ପ୍ରଶ୍ନ ସଂଖ୍ୟା-311, Dtd. 23.02.2023 ଉତ୍ତର ପରିପ୍ରେକ୍ଷୀରେ କେବେସୁଦ୍ଧା ଉପରୋକ୍ତ ଉଚ୍ଛେଦ କାର୍ଯ୍ୟ ସମ୍ପନ୍ନ ହେବ ସେ ସମ୍ପର୍କୀତ ବାସ୍ତବ ତଥ୍ୟ ପ୍ରଦାନ କରିବେ କି ; (ଖ) ଉପରୋକ୍ତ ବିଷୟବସ୍ତୁ ଉପରେ Public Petition ତା.20.11.2023 ରିଖରେ ଜିଲ୍ଲାପାଳ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ E-mail ରେ ଜିଲ୍ଲାପାଳଙ୍କ ଠାରୁ ତହସିଲଦାର ଜଟଣୀଙ୍କୁ ପ୍ରାପ୍ତ ହେବା ତଥା ଅତିରିକ୍ତ ଜିଲ୍ଲାପାଳ ଭୁବନେଶ୍ୱରଙ୍କର ପତ୍ର ସଂଖ୍ୟା-3457 ଓ ପରିପତ୍ର ସଂଖ୍ୟା- 3452 ତା. 26.07.2023 ରିଖରେ ଜଟଣୀ ତହସିଲଦାର ଓ ସବ୍ କଲେକ୍ଟର ଭୁବନେଶ୍ୱର ପ୍ରାପ୍ତ କରି ମଧ୍ୟ ଏଯାବତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବାର ବାସ୍ତବ କାରଣ ପ୍ରଦାନ କରିବେ କି ?

----

## ନୂତନ ରାଜସ୍ୱ ଜିଲ୍ଲା ଘୋଷଣା

258 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟ ସରକାର ମୋଟ କେତେଗୋଟି ନୂଆ ରାଜସ୍ୱ ଜିଲ୍ଲା ଘୋଷଣା କରିବାକୁ ଯାଉଛନ୍ତି ଏବଂ ଏଥିପାଇଁ ମୋଟ କେତେଗୋଟି ଦରଖାସ୍ତ ସରକାର ପାଇଛନ୍ତି ଏହାର ଗୋଟିଏ ତାଲିକା ପ୍ରଦାନ କରିବେ କି ; (ଖ) କଣ୍ଟାବାଞ୍ଜି, ପଦ୍ମପୁର, ଜୁନାଗଡକୁ ନୂଆ ରାଜସ୍ୱ ଜିଲ୍ଲା ଘୋଷଣା କରିବା ପାଇଁ ବିଚାର କରିବେ କି ?

----

## ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ଅନ୍ୟ ଜିଲ୍ଲାକୁ ବଦଳୀ

259 **ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲୀ (ଜଗତସିଂହପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

Primary, Upper Primary ଓ High School ରେ ନିଯୁକ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କର ଗୋଟିଏ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ବଦଳି କିମ୍ବା Deputation ରେ ବଦଳୀ ପାଇଁ କ'ଣ ସରକାରୀ ନିୟମ ରହିଅଛି, 2019 ରୁ 2024 ଜାନୁଆରୀ ମଧ୍ୟରେ କେତେଜଣ ଶିକ୍ଷକ ଶିକ୍ଷୟତ୍ରୀ ଜଗତସିଂହପୁର ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ କିମ୍ବା ଅନ୍ୟ ଜିଲ୍ଲାରୁ ଜଗତସିଂହପୁରକୁ ବଦଳି ହୋଇଛନ୍ତି, ଯଦି ବଦଳି ହୋଇଛି କେଉଁ ଅଧିକାରୀ ସ୍ତରରେ ଓ କେଉଁ ନୀତି ବ୍ୟବସ୍ଥା ମଧ୍ୟରେ ବଦଳି ହୋଇଛି ?

----

## ନିର୍ଦ୍ଧାରିତ ସମୟସୀମା ମଧ୍ୟରେ Mutation Case ଫଇସଲା କରିବା

260 **ଶ୍ରୀ ଶଙ୍କର ଓରାମ୍ (ବୀରମିତ୍ରପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା ତହସିଲରେ Sep-2023 ମାସରେ ପଞ୍ଜିକୃତ ହୋଇଥିବା Mutation Case [Along with online OLR 8(A) and OLR 19(I) C] କେତୋଟି pending ଅଛି, ଏଥିମଧ୍ୟରୁ କେତୋଟି Mutation Case Addl. Tahasildar ଏବଂ Tahasildar ଙ୍କ ପାଖରେ Pending ଅଛି, Pending ରହିବାର କାରଣ କ'ଣ, ଉପରୋକ୍ତ Case କୁ ସମ୍ପାଦନ କରିବା ପାଇଁ ସମୟସୀମା ନିର୍ଦ୍ଧାରଣ ହୋଇଛି କି, Sep-2023 ମାସର ଉପରୋକ୍ତ Case ଗୁଡିକୁ କେବେସୁଦ୍ଧା ସମ୍ପାଦନ କରାଯିବ ତାହା ଜଣାଇବେ କି ?

----

## ଅନୁଦାନ ପ୍ରଦାନ

261 **ଶ୍ରୀ ଅଙ୍ଗଦ କହଁର (ଫୁଲବାଣୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ 01.06.2008 ରୁ 01.06.2018 ପର୍ଯ୍ୟନ୍ତ ଅନୁଦାନ ଓ ଅଣ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା କର୍ମଚାରୀ ଓ ଅଧ୍ୟାପକ ମାନଙ୍କୁ ଅନୁଦାନ ଦେବା ପାଇଁ ସରକାରଙ୍କ ନିକଟରେ ବାରମ୍ବାର ଆନ୍ଦୋଳନ ମାଧ୍ୟମରେ ଦାବି ଜଣାଇ ଆସୁଥିଲେ ବି ନୀତିଗତ ନିଷ୍ପତ୍ତି ଆଳରେ ସରକାର ସମୟ ଗଡାଇବାର କାରଣ କ'ଣ, କେବେ ଏମାନଙ୍କୁ ଅନୁଦାନ ଦେବା ପାଇଁ ସରକାର ନିଷ୍ପତ୍ତି ନେବେ ବା କେବେହେଲେ ଅନୁଦାନ ଦେବେନାହିଁ ବୋଲି ଉତ୍ତର ଦେବେ କହିବେ କି ?

----

## ଘରୋଇ ମହାବିଦ୍ୟାଳୟ ମାନଙ୍କୁ ନିଜସ୍ୱ ପରୀକ୍ଷା କେନ୍ଦ୍ର ପାଇଁ ଅନୁମତି

262 **ଶ୍ରୀ ଅଙ୍ଗଦ କହଁର(ଫୁଲବାଣୀ) :**
**ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ(ଯଶୀପୁର) :**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଥିବା ସମସ୍ତ ବିଶ୍ୱ ବିଦ୍ୟାଳୟ ଗୁଡିକ ଅଧିନରେ ଘରୋଇ ମହାବିଦ୍ୟାଳୟ ଗୁଡିକୁ ନିଜସ୍ୱ ପରୀକ୍ଷା କେନ୍ଦ୍ର ପାଇଁ ଅନୁମତି ପ୍ରଦାନ କରୁଛନ୍ତି କି, ଯଦି 'ହଁ' ତେବେ କେଉଁ କେଉଁ ବିଶ୍ୱ ବିଦ୍ୟାଳୟ ଗୁଡିକ ନିଜ ଅଧିନରେ ଘରୋଇ ମହାବିଦ୍ୟାଳୟ ଗୁଡିକୁ ନିଜସ୍ୱ ପରୀକ୍ଷା କେନ୍ଦ୍ର ପାଇଁ ଅନୁମତି ଦେଇଛନ୍ତି ଓ କେଉଁ ବିଶ୍ୱ ବିଦ୍ୟାଳୟ ଅନୁମତି ଦେଉନାହାନ୍ତି କହିବେ କି, ବିଶେଷକରି ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଅଧିନରେ ଥିବା ଘରୋଇ ମହାବିଦ୍ୟାଳୟ ଗୁଡିକୁ ଅନୁମତି ପ୍ରଦାନ ନ କରିବାର କାରଣ କ'ଣ ଓ ଛାତ୍ରଛାତ୍ରୀମାନେ ଏଥିପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଓ ଅଭିଯୋଗ କଲେ ଦୁର୍ବ୍ୟବହାର କର୍ତ୍ତୃପକ୍ଷ କରୁଥିବାରୁ ସରକାର ବୁଝିବେ କି ?

----

## ନୂତନ ଜିଲ୍ଲା ଘୋଷଣା

263 **ଶ୍ରୀ ନବ ଚରଣ ମାଝି(ରାଇରଙ୍ଗପୁର) :**
**ଶ୍ରୀମତୀ କୁସୁମ ଟେଟେ(ସୁନ୍ଦରଗଡ) :**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟର କେଉଁ କେଉଁ ଜିଲ୍ଲାର କେଉଁ କେଉଁ ଅଞ୍ଚଳକୁ ନେଇ ନୂତନ ଜିଲ୍ଲା ଗଠନର ପ୍ରସ୍ତାବ ରହିଛି, କେଉଁ କେଉଁ ନୂତନ ଜିଲ୍ଲା କେବେ ସୁଦ୍ଧା ସରକାର ମଞ୍ଜୁରୀ କିମ୍ବା ଘୋଷଣା କରିବେ ସେଥି ପାଇଁ କି କି ପ୍ରସ୍ତୁତି କେଉଁ ପର୍ଯ୍ୟାୟରେ ରହିଛି ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି, (ଖ) ସରକାରଙ୍କ ବିଚାର ବିମର୍ଷ ଓ ଘୋଷଣା ମୁତାବକ ୨୦୨୩-୨୪ ଆର୍ଥିକ ବର୍ଷରେ କେଉଁ କେଉଁ ନୂତନ ଜିଲ୍ଲା ଭାବେ ମଞ୍ଜୁରୀ ପ୍ରଦାନ କରାଯିବ ତାହା କହିବେ କି ?

----

## ଜମି ଦଖଲକାରୀଙ୍କୁ ପଟ୍ଟା ପ୍ରଦାନ

264 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

U.D. ପ୍ରଶ୍ନ ସଂଖ୍ୟା-1431, dtd.10.12.2021 ରିଖ ଉତ୍ତର ପରିପ୍ରେକ୍ଷୀରେ ମୌଜା ପଥରଗାଡିଆ ଖାତା ନଂ-1715 ଓ ପ୍ଲଟ ନଂ-343 ଏବଂ ଖାତା ନଂ-105 ପ୍ଲଟ ନଂ-202 ରେ ଥିବା ମୂଳ ସଂଖ୍ୟକ ଜମିଠାରୁ ଅଧିକ ଜମି ବିକ୍ରୀ ହୋଇଥିବା ତଥ୍ୟ ସହ ଏଥିରେ ଶିକାର ହୋଇଥିବା ପ୍ରଥମ କିଣାଳୀ ଜମି ଦଖଲରେ ଥାଇ ମଧ୍ୟ ତାଙ୍କୁ ପଟ୍ଟା ପ୍ରଦାନ କରିବାରେ ଅସୁବିଧା କ'ଣ ଏବଂ କିପରି ଉକ୍ତ ହିତାଧିକାରୀଣି ତାଙ୍କର ନ୍ୟାର୍ଯ୍ୟ ପଟ୍ଟା ପାଇପାରିବେ ସେ ସମସ୍ତ ତଥ୍ୟ ପ୍ରଦାନ କରିବେ କି ?

----

## ସାଲେପୁରରେ ପରିବା ମଣ୍ଡି ପ୍ରତିଷ୍ଠା

265 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ସାଲେପୁର ନିର୍ବାଚନ ମଣ୍ଡଳୀରେ ପରିବାମଣ୍ଡି ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ରଣପୁର ଓ ଓଡଗାଁ ବ୍ଲକ୍ କୁ ମରୁଡି ଘୋଷଣା

266 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଚଳିତ ଖରିଫ ଋତୁରେ ସ୍ୱଳ୍ପ ବର୍ଷା ପାଇଁ ନୟାଗଡ ଜିଲ୍ଲାରେ ମରୁଡି ହୋଇଥିବାରୁ ରଣପୁର ନିର୍ବାଚନ ମଣ୍ଡଳୀର ରଣପୁର ଓ ଓଡଗାଁ ବ୍ଲକ୍ କୁ ମରୁଡି ଘୋଷଣା କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## ଆର୍ଥିକ ରାଶି ଅନୁମୋଦନରେ ଆଇନ ତଥା ନୀତି ନିୟମ ଉଲଙ୍ଘନ

**267 ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) CRPC Rules 1973 ରେ ଜିଲ୍ଲାପାଳଙ୍କୁ ଅର୍ପଣ କରାଯାଇଥିବା ପ୍ରଶାସନିକ ଓ ବିଚାର ବିଭାଗୀୟ କ୍ଷମତାର ଅନୁପାଳନ ନକରିବା ଓ କ୍ଷମତାର ଦୁରୁପଯୋଗ କରିଥିବା ଏବଂ OGFR Rules 1978 ଅନୁସାରେ ଜିଲ୍ଲାପାଳମାନଙ୍କୁ ପ୍ରଦାନ କରାଯାଇଥିବା କ୍ଷମତାର କେଉଁ କେଉଁ ଜିଲ୍ଲାପାଳ ଆର୍ଥିକ ରାଶି ଅନୁମୋଦନରେ ଆଇନ୍ ତଥା ନୀତି ନିୟମ ଉଲଙ୍ଘନ କରିଥିବାର ଅଭିଯୋଗ ହୋଇଛି, ସଂପୃକ୍ତ ଅଭିଯୋଗ ଆଧାରରେ କେଉଁ କେଉଁ ଜିଲ୍ଲାପାଳଙ୍କ ବିରୋଦ୍ଧରେ କି କି କାର୍ଯ୍ୟାନୁଷ୍ଠାନ କେବେ ଗ୍ରହଣ କରାଯାଇଛି ତାହା ପ୍ରକାଶ କରିବେ କି, (ଖ) ୨୦୧୨ ମସିହାରୁ ଅଦ୍ୟାବଧି କେଉଁ କେଉଁ ଜିଲ୍ଲାରେ କେଉଁ ଜିଲ୍ଲାପାଳ ମାନେ କେତେ ଅବଧି ପର୍ଯ୍ୟନ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ତାର ଏକ ବିବରଣୀ ଜିଲ୍ଲାଓ୍ୱାରୀ ପ୍ରଦାନ କରିବେ କି?

----